# ମନରୁ ଲିଭୁନି ଭୟ, ଦୁର୍ଦ୍ଦଶାର ଚିତ୍ର

## ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ପୂରିଲା ୧୨ ଦିନ

■ ଏବେ ବି ଅନେକ ଆହତଙ୍କ ଚିକିତ୍ସା ଚାଲିଛି
■ ଅଞ୍ଚଳବାସୀଙ୍କ ମାନସିକ ସ୍ଥିତି ଯାଞ୍ଚ ହେବ

ଭୁବନେଶ୍ୱର ୧୩।୬(ଅଭିଜିତ ଦାସ)

ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ଇତିମଧ୍ୟରେ ୧୨ ଦିନ ପୂରିଗଲାଣି। ହେଲେ ଏପର୍ଯ୍ୟନ୍ତ ଅନେକ ଲୋକଙ୍କ ମନରୁ ଏ ନେଇ ଭୟ ଓ ଦୁର୍ଦ୍ଦଶାର ଚିତ୍ର ଲିଭିନାହିଁ। ବେଳେବେଳେ ଏହି ଚିତ୍ର ମାନସ ପଟରେ ଆସିଯିବା ମାତ୍ରେ କୌଣସି ଅଜଣା ଆତଙ୍କରେ ଦେହ ଶିହରି ଉଠୁଛି।

ସୂଚନା ଅନୁଯାୟୀ, ଏହି ଟ୍ରେନ୍ ଦୁର୍ଘଟଣାରେ ୨୮୯ ଜଣ ମୃତ୍ୟୁବରଣ କରିଥିବା ବେଳେ ଆହତ ହୋଇଥିବା ୧୨ ଶହରୁ ଅଧିକ ଯାତ୍ରୀ ଓ ଶିଶୁଙ୍କ ମଧ୍ୟରୁ ଅନେକେ ସମ୍ପ୍ରତି ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ଦୁର୍ଘଟଣାରେ ଆହତ ହୋଇଥିବା ଶିଶୁଙ୍କ ଚିକିତ୍ସା ଲାଗି ପଦକ୍ଷେପ ନେବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ୪ଟି ଜିଲାର ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଦୁର୍ଘଟଣାରେ ୫ ଶିଶୁ ଗୁରୁତର ଆହତ ହୋଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨ଶିଶୁ ସୁସ୍ଥ ହୋଇ ନିଜ ରାଜ୍ୟ ବିହାର ଫେରିଯାଇଥିବାବେଳେ ଅନ୍ୟ ୩ ଜଣ ଏବେ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଜିଲାରେ କୌଣସି ଶିଶୁ ଚିକିତ୍ସିତ ହେଉ ନ ଥିବା ବେଳେ ବାଲେଶ୍ୱର ଜିଲାରୁ କୌଣସି ତଥ୍ୟ ମିଳିପାରିନାହିଁ। ଦୁର୍ଘଟଣାକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ବାହନଗା ଅଞ୍ଚଳର ଅନେକ ଲୋକ ଓ ପିଲାଙ୍କ ମନରୁ ଏହି ଭୟଙ୍କର ଚିତ୍ର ଲିଭିପାରିନାହିଁ। କେତେବେଳେ ଗାଁ ଲୋକଙ୍କ ମଧ୍ୟରେ ଅନ୍ଧ ବିଶ୍ୱାସ ବସା ବାନ୍ଧୁଛି ତ ଆଉ ପୁଣି କେତେବେଳେ ଦୁର୍ଘଟଣା ନେଇ ବିଭିନ୍ନ ଗୁଜବ ଶୁଣିବାକୁ ମିଳୁଛି।

ଏନେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ମନ୍ଦାକିନୀ କର କହିଛନ୍ତି, ବାହାନଗା ଟ୍ରେନ୍ ଦୁର୍ଘଟଣାରେ କୌଣସି ଶିଶୁ ନିଖୋଜ ହୋଇନାହାନ୍ତି। ବର୍ତ୍ତମାନ ୩ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି ଅନେକ ଶିଶୁ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଛନ୍ତି। କେବଳ ଶିଶୁ ନୁହେଁ ବରଂ ସେଠାକାର ଅନେକ ଲୋକଙ୍କର ମଧ୍ୟ ମାନସିକ ସ୍ଥିତି ଠିକ୍ ନାହିଁ। ଖୁବ୍‌ଶୀଘ୍ର ସେମାନଙ୍କୁ ସାଇକୋଲୋଜିକାଲ ଟ୍ରେନିଂ ଦିଆଯିବା ସହ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଟିମ୍ ଯାଇ ମାନସିକ ସ୍ଥିତି ଯାଞ୍ଚ କରିବ।

## ଦନ୍ତା ହାତୀର ମୃତ୍ୟୁ

**ସମ୍ବଲପୁର,୧୩।୬(ଶୁଭାଶିଷ ପାଢ଼ୀ):** ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବସିଆପଡ଼ା ଗ୍ରାମ ରାସ୍ତାପାର୍ଶ୍ୱ ନାଳ ନିକଟରେ ମଙ୍ଗଳବାର ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ବନ ବିଭାଗ ଓ ପ୍ରାଣୀଧନ ବିଭାଗ ପହଞ୍ଚି ବ୍ୟବଚ୍ଛେଦ କରିବା ପରେ ଘଟଣାସ୍ଥଳରେ ମୃତ ହାତୀକୁ ପୋତି ଦିଆଯାଇଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଅଞ୍ଚଳରେ ୧୬ ଗୋଟି ହାତୀ ଚଳପ୍ରଚଳ କରୁଥିଲେ। ବନ ବିଭାଗ ଏହା ଉପରେ ନଜର ରଖିଥିଲା। ଏପରିସ୍ଥଳେ ମଙ୍ଗଳବାର ସକାଳେ ବସିଆପଡା ଗ୍ରାମ ନାଳ ନିକଟରେ ଏକ ଦନ୍ତା ହାତୀ ପଡିରହିଥିବା ଜଣାପଡିଥିଲା। ହାତୀଟି ଅସୁସ୍ଥ ଥିବା ନେଇ ସନ୍ଦେହ ହୋଇଥିଲା। ହେଲେ ଅପରାହ୍ନ ୨ଟା ସମୟରେ ହାତୀର ମୃତ୍ୟୁ ଘଟିଥିଲା। ପ୍ରାଣୀଧନ ବିଭାଗ ବିଶେଷଜ୍ଞ ଆସି ବ୍ୟବଚ୍ଛେଦ କରିବା ପରେ ମୃତ୍ୟୁର କାରଣ ଜଣାପଡିବ। ହାତୀର ବୟସ ପ୍ରାୟ ୨୦ବର୍ଷ ହେବ। ପ୍ରାଥମିକ ତଦନ୍ତରୁ ବହୁ ଦିନରୁ ଦନ୍ତାହାତୀର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା ବୋଲି ବନ ବିଭାଗ କହିଛି। ଗ୍ରାମବାସୀଙ୍କ କହିବା କଥା ଦାନ୍ତ ପାଇଁ ଶିକାରୀମାନେ ହାତୀକୁ ହତ୍ୟା କରିଛନ୍ତି। ଗ୍ରାମ ପାଖରେ ମୃତ୍ୟୁ ହେବାରୁ ତା'ର ଦାନ୍ତ ସୁରକ୍ଷିତ ରହିଛି।


ମୃତ ଦନ୍ତା ହାତୀ

# କୋଟିପତି ସହକାରୀ ଯନ୍ତ୍ରୀ ଗିରଫ

■ ପ୍ରକୃତ ଆୟଠାରୁ ୧୮୩ ଶତକଡ଼ା ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ
■ ଦିନକରେ ଏକକାଳୀନ ୪ ସ୍ଥାନରେ ଚଢ଼ାଉ କରିଥିଲା ଭିଜିଲାନ୍ସ

ଭୁବନେଶ୍ୱର, ୧୩।୬(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଜିଲା ସଦର ବ୍ଲକର କୋଟିପତି ସହକାରୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କୁ ମଙ୍ଗଳବାର ଭିଜିଲାନ୍ସ ଗିରଫ କରିଛି। ଚଢ଼ାଉ ଓ ଯାଞ୍ଚ ପରେ ବିକାଶ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ବହୁ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୮୩ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ବିକାଶଙ୍କ ନାଁରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୩) ରୁଜୁ କରାଯାଇଛି। ଅଭିଯୁକ୍ତ ବିକାଶଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ସୋମବାର ଭିଜିଲାନ୍ସର ୩ଟି ଟିମ୍ ଏକକାଳୀନ ବିକାଶଙ୍କ ଘର ସମେତ ୪ ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ବିକାଶଙ୍କ ନାଁରେ ଭୁବନେଶ୍ୱର ସୌଭାଗ୍ୟ ନଗରରେ ଥିବା ଗୋଟିଏ ବହୁ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର ଓ କଟକରେ ୭ଟି ପ୍ଲଟ୍ ଠାବ ହୋଇଥିଲା। ସେହିପରି ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ସୁନା-ରୁପା ଅଳଙ୍କାର, ୧୩.୪୦ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୩ଟି ବାଇକ ଏବଂ ୧୧.୭୩ ଲକ୍ଷ ନଗଦ ଟଙ୍କା ସମେତ ଘରୋଇ ଉପକରଣ ଠାବ କରିଥିଲା ଭିଜିଲାନ୍ସ। ଏଥିସହ ପୁଅ ଓ ଝିଅଙ୍କୁ ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପଢ଼ାଇବା ପାଇଁ ବିକାଶ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରିବା ସହ କ୍ରିପ୍ଟୋ କରେନ୍ସି (ଡିଜିଟାଲ ମୁଦ୍ରା)ରେ ମଧ୍ୟ ନିବେଶ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ଗିରଫ ସହକାରୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁ

# ମାଲକାନଗିରି ଉପ କାରାଗାର: ଚୋରାରେ ବିଦ୍ୟୁତ୍ ବ୍ୟବହାର

## ୬,୨୯,୧୪୦ ଟଙ୍କା ଜରିମାନା, କାରଣ ଦର୍ଶାଅ ନୋଟିସ

ମାଲକାନଗିରି, ୧୩।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଉପ କାରାଗାର କର୍ତ୍ତୃପକ୍ଷ ଚୋରାରେ ବିଦ୍ୟୁତ୍ ବ୍ୟବହାର କରୁଥିବାରୁ ଜୟପୁର ଟିପିଏସ୍‌ଓଡିଏଲ ପକ୍ଷରୁ ୬,୨୯,୧୪୦ ଟଙ୍କା ଜରିମାନା ସହ ମଙ୍ଗଳବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ପ୍ରକାଶଯେ, ମାଲକାନଗିରି ଉପ କାରାଗାରରେ ୨୦ କିଲୋୱାଟ୍ ବିଦ୍ୟୁତ୍ ବ୍ୟବହାର ପାଇଁ ନିୟମ ରହିଛି। କିନ୍ତୁ ଏଠାରେ ଅଧିକ ବିଦ୍ୟୁତ୍ ବ୍ୟବହାରକରି ଟିକସ ଫାଙ୍କିବା ପାଇଁ ଉପ କାରାଗାର କର୍ତ୍ତୃପକ୍ଷ ଯୋଜନା କରିଥିଲେ। ଉପ କାରାଗାର କର୍ତ୍ତୃପକ୍ଷ ହୁକ୍ ପକାଇ ଅନ୍ୟ ଏକ ବାଟରେ ବିଦ୍ୟୁତ୍ ନେଇଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଟିପିଏସ୍‌ଓଡିଏଲ ଭିଜିଲାନ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ସେଲ୍ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗତ ୧୮ ତାରିଖରେ ଉପକାରାଗାର ଯାଞ୍ଚ କରିଥିଲେ। କର୍ତ୍ତୃପକ୍ଷ ହୁକ୍ ପକାଇ ବିଦ୍ୟୁତ୍ ବ୍ୟବହାର କରୁଥିବା ନେଇ ଏନ୍‌ଫୋର୍ସମେଣ୍ଟ ଟିମ୍ ଦେଖିବାକୁ ପାଇଥିଲା। ଉପକାରାଗାରରେ ଚୋରାରେ ୧୫.୨୫ କିଲୋୱାଟ୍ ବିଦ୍ୟୁତ୍ ବ୍ୟବହର କରୁଥିବା ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ମାଲକାନଗିରି ଉପ କାରାଗାର ଅଧୀକ୍ଷକ ସଞ୍ଜୟ ବର୍ମାଙ୍କ ଫୋନ୍ ନମ୍ବର ୯୯୩୭୨୭୪୪୪୪ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।

# ଉପକୂଳରେ ଆଶ୍ୱସ୍ତି, ପଶ୍ଚିମରେ ତାତି

ଭୁବନେଶ୍ୱର,୧୩।୬(ଅନିଲ ଦାସ)

**ସମ୍ବଲପୁର ୪୪.୩ ଡିଗ୍ରୀ**

**୧୮ ଯାଏ ହିଟ୍‌ୱେଭ ୱାର୍ନିଂ**

ଗତ କିଛିଦିନ ହେବ ଉପକୂଳ ଓଡ଼ିଶାରେ ଜାରି ରହିଥିବା ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅଚାନକ ପାଗରେ ପରିବର୍ତ୍ତନ ହୋଇଛି। ମଙ୍ଗଳବାର ସକାଳୁ ଆକାଶ ମେଘାଚ୍ଛନ୍ନ ହେବା ସାଙ୍ଗକୁ କେତେକ ସ୍ଥାନରେ ଝିପିଝିପି ଓ ଆଉ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ୪୭.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱରରେ ୨୯.୪, ଚାନ୍ଦବାଲି ୩୯.୩, କଟକ ୧୦.୫, ପାରାଦୀପ ୨୨.୮, ଭୁବନେଶ୍ୱର ୫.୨, ଗୋପାଳପୁର ୧୨, ବାରିପଦା ୧୫, ନବରଙ୍ଗପୁର ୩୪ ଓ ଜଗତ୍‌ସିଂହପୁରରେ ୨୦ ମିଲିମିଟର ବର୍ଷା ହୋଇଛି। ଦିନସାରା ପାଗ କୋହଲା ରହିଥିବାରୁ ତାତିରୁ ଆଶ୍ୱସ୍ତି ମିଳିଛି।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାରେ ପାଗରେ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରଚଣ୍ଡ ତାତିରେ ସମଗ୍ର ଅଞ୍ଚଳ ଉଷ୍ମ ରହିଛି। ସମ୍ବଲପୁର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୪.୩ ଡିଗ୍ରୀ ରେକର୍ଡ କରାଯାଇଛ। ସେହିପରି ହୀରାକୁଦରେ ସର୍ବୋଚ୍ଚ ତାପମାତ୍ରା ୪୩.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୩.୪, ସୁନ୍ଦରଗଡ଼ ୪୨.୮, ଦେବଗଡ଼ ୪୨.୮, ରାଉରକେଲା ୪୨.୬, ବଲାଙ୍ଗୀରରେ ୪୨.୫, ବୌଦ୍ଧ ୪୨.୫, ନୂଆପଡ଼ା ୪୨, ଅନୁଗୋଳ ୪୧.୭, ବରଗଡ଼ ୪୧.୬, ସୋନପୁର ୪୧.୩, ତାଳଚେର ୪୧, ଫୁଲବାଣୀ ୪୧.୦, ମାଲକାନଗିରି ୪୧, ବାରିପଦା ୪୦.୫, କେନ୍ଦୁଝର ୪୦.୧ ଏବଂ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୮ ତାରିଖ ଯାଏ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲାରେ ହିଟ୍‌ୱେଭ ଜାରି ରହିବ। ଉକ୍ତ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡା, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର ଓ କନ୍ଧମାଳ ଜିଲାରେ ମଧ୍ୟ ଗ୍ରୀଷ୍ମର ପ୍ରକୋପ ଜାରି ରହିବ।

# ବର୍ଷା ପୂର୍ବରୁ ନଦୀବନ୍ଧ ଯାଞ୍ଚ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୬(ଅନିଲ ଦାସ)

ଆଉ କିଛିଦିନ ପରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ। ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ମୁକାବିଲା ନିମନ୍ତେ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନଦୀବନ୍ଧ କେଉଁଠି ଦୁର୍ବଳ ରହିଛି, ମରାମତି ଠିକ୍ ଭାବେ ହୋଇଛି କି ନାହିଁ ସେସବୁର ଅନୁଧ୍ୟାନ କରିବାକୁ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଭାଗୀୟ ସମ୍ମିଳନୀ କକ୍ଷରେ ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମନ୍ତ୍ରୀ କହିଛନ୍ତି, ଜଳସମ୍ପଦ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ ସମସ୍ତଙ୍କ ସାମୂହିକ ଉଦ୍ୟମ ଯୋଗୁ ଗତ ବର୍ଷ ବନ୍ୟାକୁ ସତର୍କତାର ସହ ପରିଚାଳନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସବୁବେଳେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି କହି ଆସିଛନ୍ତି। ଓଡ଼ିଶାର ଧନ ଓ ଜୀବନ କିପରି ସୁରକ୍ଷିତ ରହିବ, ସମସ୍ତଙ୍କ ସମ୍ମିଳିତ ପ୍ରୟାସ ରହିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ଯେଉଁ ଜିଲାରେ ନଦୀବନ୍ଧ ମରାମତି, ଘଳିଆ ମରାମତି ଆଦି ନେଇ ଆଶଙ୍କା ରହିଛି, ସମ୍ପୃକ୍ତ ଜିଲାର ଜିଲାପାଳ, ଜନପ୍ରତିନିଧି, ସରପଞ୍ଚମାନଙ୍କ ସହଯୋଗ ନେବାକୁ ମନ୍ତ୍ରୀ ମଧ୍ୟ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର

### ବନ୍ୟା ମୁକାବିଲା ପ୍ରସ୍ତୁତି

### ୭୨୦ ଘଳିଆ ମରାମତି

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି , ଏହାକୁ କୌଣସିମତେ ହାଲୁକା ଭାବେ ନ ନେଇ ସମସ୍ତେ ଶତପ୍ରତିଶତ ନିଷ୍ଠା ଓ ଯତ୍ନର ସହ ନିଜ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଗର୍ଗ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟରେ ଥିବା ୮ଟି ବୃହତ୍, ୪୭ଟି ମଧ୍ୟମ ଜଳ ଭଣ୍ଡାରର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୧ ସେପ୍ଟେମ୍ବରରେ ହୋଇଥିବା ବନ୍ୟାରେ ୨୦ଟି ଘାଇ ହୋଇଥିବା ବେଳେ ୨୦୨୨ ଅଗଷ୍ଟରେ ସୃଷ୍ଟି ହୋଇଥିବା ବନ୍ୟାରେ ୮ଟି ଘାଇ ହୋଇଥିଲା। ସମସ୍ତ ଘାଇ ମରାମତି ଶେଷ ହୋଇଥିବା କେବଳ ମହାନଦୀ ନର୍ଥ ଡିଭିଜନରେ ଗୋଟିଏ ଘାଇ ମରାମତି ଚାଲୁ ରହିଛି। କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୁନ୍ ୩୦ ସୁଦ୍ଧା ଏହାର ପଥର ପ୍ୟାକିଂ କାର୍ଯ୍ୟ ସରିବ। ଜୁଲାଇ ୧୦ ତାରିଖ ସୁଦ୍ଧା ଏହାର ସମ୍ପୂର୍ଣ୍ଣ ମରାମତି ଶେଷ କରିବାକୁ ବୈଠକରେ ସୂଚନା ଦିଆଯାଇଛି। ସେହିପରି ୨୦୨୨ରେ ବିଭିନ୍ନ ଡିଭିଜନରେ ସୃଷ୍ଟି ହୋଇଥିବା ୭୨୦ଟି ଘଳିଆକୁ ମରାମତି କରାଯାଇସାରିଛି। ସବୁ ନଦୀ ଅବବାହିକାରେ ଥିବା ବନ୍ଧର ଯୁଗ୍ମ ତନଖି କାର୍ଯ୍ୟ ସରିଛି। ରାଜ୍ୟରେ ମୋଟ ନଦୀବନ୍ଧ ୭୪୭୩.୨୦୬ କିମି ରହିଥିବା ବେଳେ ସେଥିରୁ ୧୬୩୫.୯୪୫ କିମି ଲୁଣିବନ୍ଧ ରହିଛି। ଇତିମଧ୍ୟରେ ହୀରାକୁଦ ଜଳଭଣ୍ଡାର ସମେତ ସମସ୍ତ ନଦୀବନ୍ଧ, ବ୍ୟାରେଜ୍ ଆଦିର ସ୍ଲୁଇସ୍ ଗେଟ୍‌ର ଆବଶ୍ୟକ ମରାମତି ଓ ମକ୍‌ଡ୍ରିଲ୍ ପରିଚାଳନା କାର୍ଯ୍ୟ ଶେଷ ହୋଇଛି। ସମସ୍ତ ଦୁର୍ବଳ ନଦୀବନ୍ଧ ବା ସମ୍ବେଦନଶୀଳ ସ୍ଥାନଗୁଡିକରେ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ଉପକରଣ ଓ ଯନ୍ତ୍ରପାତି ଆଦି ମହଜୁଦ ରଖାଯାଇଛି। ବନ୍ୟା ସମୟରେ ଯେପରି ସମୁଦ୍ର ଭିତରକୁ ବନ୍ୟା ଜଳ ବିନା ବାଧାରେ ପ୍ରବେଶ କରିପାରିବ, ସେଥିପ୍ରତି ଦୃଷ୍ଟି ଦିଆଯାଇ ନଦୀ ମୁହାଣଗୁଡ଼ିକୁ ସଫା କରାଯାଇଛି। ବନ୍ୟା ପୂର୍ବରୁ କେତେ ପାଣି ନଦୀକୁ ଆସିବ, ସମ୍ଭାବ୍ୟ ବନ୍ୟାସ୍ଥିତି ଆକଳନ ପାଇଁ ଗୋ-ୱାଟର ଆପ୍ଲିକେଶନ ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଏବଂ ଋଷିକୁଲ୍ୟା ଆଦି ୪ଟି ପ୍ରମୁଖ ନଦୀ ଅବବାହିକାରେ କାର୍ଯ୍ୟ କରିବ। ଜୁନ୍ ୧ରୁ ସେଚ ସଦନରେ ଖୋଲାଯାଇଥିବା ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ସେହିପରି ସବୁ ଡିଭିଜନ ଓ ସର୍କଲ ସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ସେ କହିଥିଲେ।

ବୈଠକରେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଓଡ଼ିଶା ଉଠା ଜଳସେଚନ ନିଗମ ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ, ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସମସ୍ୟାର ସମ୍ମୁଖୀନ ହେଉଛି ଓଡ଼ିଶା: ମନ୍ତ୍ରୀ

**ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଜାତୀୟସ୍ତର ବୈଠକ ଅନୁଷ୍ଠିତ**

ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ସମ୍ପର୍କିତ ଏକ ଜାତୀୟ ସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶା ରାଜ୍ୟ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲିକ ଯୋଗଦେଇ ବିଭିନ୍ନ ଦାବୀ ଉପସ୍ଥାପନ କରି କହିଛନ୍ତି ଯେ, ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଉପକୂଳ କ୍ଷୟ ଓ ତତ୍‌ଜନିତ ଜଳମଗ୍ନ ସମସ୍ୟାର ସମ୍ମୁଖୀନ ହେଉଛି। କେନ୍ଦ୍ରାପଡା ଜିଲାରେ ସମୁଦ୍ର କ୍ଷୟ ଯୋଗୁ ହୋଇଥିବା ୭ଟି ଗାଁ ଏବଂ ପ୍ରାୟ ୬୦୦ ବିସ୍ଥାପିତ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ପ୍ୟାକେଜ ଅନୁଯାୟୀ ବଗପଟିଆକୁ ସ୍ଥାନାନ୍ତର କରାଯାଇ ଥଇଥାନ କରାଯାଇଛି। ଓଡ଼ିଶାର ଗଞ୍ଜାମ, ପୁରୀ ଓ ଜଗତସିଂହପୁର ଜିଲାର କେତେକ ସ୍ଥାନରେ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଉପକୂଳ କ୍ଷୟ ରୋକିବା ଏବଂ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟ ସହିତ ବିସ୍ଥାପିତ ଲୋକଙ୍କୁ ସ୍ଥାନାନ୍ତର, ଥଇଥାନ ଏବଂ ଜୀବିକା ଅର୍ଜନ କାର୍ଯ୍ୟକଳାପ ଯୋଗାଇବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅଧୀନରେ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିବା ଦିଗରେ ଭାରତ ସରକାରଙ୍କ ନିକଟରେ ମନ୍ତ୍ରୀ ଦାବୀ ଉପସ୍ଥାପିତ କରିଛନ୍ତି। ସେହିପରି ବଜ୍ରପାତର ପ୍ରକୋପ ବୃଦ୍ଧି ପାଉଥିବା ଯୋଗୁ ପ୍ରତିବର୍ଷ ଦେଶରେ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି। ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉକ୍ତି ହେଉଛି 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'। ଆମ ରାଜ୍ୟର ସମସ୍ତ ବିପର୍ଯ୍ୟୟ ପରିଚାଳନାର ଏହା ହେଉଛି ମୂଳ ମନ୍ତ୍ର ବୋଲି କହିଛନ୍ତି।

# ଓଡ଼ିଶା ମିଲେଟ୍‌ର ଉଦ୍ଦେଶ୍ୟ କେବଳ ମାଣ୍ଡିଆକୁ ପ୍ରୋତ୍ସାହିତ କରିବା ନୁହେଁ: ଅରବିନ୍ଦ

ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)

ଓଡ଼ିଶା ମିଲେଟ୍ ମିଶନର ଉଦ୍ଦେଶ୍ୟ କେବଳ ମାଣ୍ଡିଆର ଉପକାରିତା ଓ ଲାଭ ନିମନ୍ତେ ଏହାକୁ ପ୍ରୋତ୍ସାହିତ କରିବା ନୁହେଁ। ବୃଷ୍ଟିପୁଷ୍ଟ ଉଚ୍ଚ ଜମିର ଚାଷୀଙ୍କୁ ସମାନ ସୁଯୋଗ ଓ ନ୍ୟାୟ ପ୍ରଦାନ ନୀତିରେ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟ କରୁଛି ବୋଲି କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

କୃଷି ଭବନଠାରେ ଓଡ଼ିଶା ମିଲେଟ୍ ମିଶନ, ୟର୍କ ବିଶ୍ୱବିଦ୍ୟାଳୟ ଏବଂ ସେଣ୍ଟର ଫର ସଷ୍ଟେନେବୁଲ୍ ଏଗ୍ରିକଲଚରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ମିଲେଟ୍ ମିଶନର ପୋଷଣୀୟ ଭବିଷ୍ୟତର ରୂପରେଖ ପ୍ରଦାନ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ଉଦ୍‌ବୋଧନ ଦେଇ ଅରବିନ୍ଦ ପାଢ଼ୀ କହିଛନ୍ତି, ୟର୍କବିଶ୍ୱବିଦ୍ୟାଳୟର ପ୍ରଫେସର ସୋନାଲ ଚୌଧୁରୀ ଓ ସିଏସ୍‌ଏର ରମଣ ଜାନେୟୁଲୁ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ କର୍ମଶାଳାରେ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ଉପସ୍ଥାପନ କରିଥିବାବେଳେ ଅଂଶୀଦାରଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ତର୍ଜମା କରାଯାଇ ମିଶନକୁ ଅଧିକ ଫଳପ୍ରଦ କରାଯିବ। କର୍ମଶାଳାରେ ଓଡ଼ିଶା ମିଲେଟ୍ ମିଶନ ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇ ଏହାର ପୋଷଣୀୟ ପ୍ରଦର୍ଶନ ନିମନ୍ତେ ଉପଲବ୍ଧ ତଥ୍ୟର ବିଶ୍ଳେଷଣ, ପ୍ରଯୁକ୍ତିବିଦ୍ୟାର ଉପଯୋଗ, ଯୋଗାଣ ଶୃଙ୍ଖଳ, ଉତ୍ତମ ପ୍ରଥାର ସମୀକ୍ଷା ଏବଂ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭ କରି ବ୍ୟବସାୟିକ ମଡେଲ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ ମିଲେଟ୍‌ର ମୂଲ୍ୟଶୃଙ୍ଖଳର ବିଭିନ୍ନ ଦିଗ ଉପରେ କୌଣସି ଜନସଚେତନତା ନ ଥିଲା ଏବଂ ମାଣ୍ଡିଆର ଦର ମଧ୍ୟ କମ୍ ଥିଲା। ଏହାଦ୍ୱାରା ଚାଷୀଙ୍କ ମଧ୍ୟରେ ମିଲେଟ୍ ଚାଷ ନିମନ୍ତେ ଅନାଗ୍ରହ ପରିଲକ୍ଷିତ ହେଉଥିଲା। ମିଶନ କାର୍ଯ୍ୟକାରୀ ହେବା ପରେ ମିଲେଟ୍ ସମ୍ପର୍କରେ ବ୍ୟାପକ ଜନସଚେତନତା ବୃଦ୍ଧି ପାଇଛି। ଲୋକଙ୍କ ଖାଦ୍ୟାଭ୍ୟାସର ମଧ୍ୟ ପରିବର୍ତ୍ତନ ଆସିଛି ବୋଲି କୃଷକ ଉତ୍ପାଦକ ସଙ୍ଗଠନ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଅଂଶୀଦାରମାନେ ମତ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ରବି ଋତୁରେ ମାଣ୍ଡିଆ ସଂଗ୍ରହ ଲାଗି ଚାଷୀମାନେ ପ୍ରସ୍ତାବ ଦିଆଯାଇଛି।

# ପରିବାରକୁ ବରପକ୍ଷର ଅସମ୍ମାନ, ବିବାହ ବନ୍ଦ କଲେ ଝିଅ

## ସମାଜ ପାଇଁ ବାର୍ତ୍ତା ଦେଇ ଆଦର୍ଶ ପାଲଟିଲେ

ସମ୍ବଲପୁର, ୧୩।୬(ଶୁଭାଶିଷ ପାଢ଼ୀ)

ଧୁମ୍‌ଧାମରେ ବିବାହ କାର୍ଯ୍ୟ କରିବା ପାଇଁ ପୂରା ପରିବାର ଲାଗିପଡିଥାନ୍ତି। ଧାର୍ଯ୍ୟ ଲଗ୍ନ ଅନୁସାରେ ଜୁନ ୧୧ରେ ବିବାହ କାର୍ଯ୍ୟ ଆରମ୍ଭ ହେଲା। ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳରେ ଝିଅଙ୍କ ଘର ହୋଇଥିବା ବେଳେ ଅଇଁଠାପାଲି ନିକଟ ଏକ ପ୍ରତିଷ୍ଠିତ ହୋଟେଲରେ କନ୍ୟାଘର ପକ୍ଷରୁ ବିବାହ ଆୟୋଜନ ହୋଇଥିଲା। ନିମନ୍ତ୍ରଣ ପାଇ ସମସ୍ତ ଅତିଥି ଆସି ଭୋଜିଭାତ ଆସରରେ ସାମିଲ ହୋଇଥିଲେ। ବେଶ୍ ହସଖୁସିରେ ବିବାହ କାର୍ଯ୍ୟ ଚାଲିଥାଏ। ବରଯାତ୍ରୀ ଆସିବା ପରେ କନ୍ୟାଘର ପକ୍ଷରୁ ବନ୍ଦାଣ କରି ପାଛୋଟି ନେଲେ। ସେମାନେ ମଧ୍ୟ ଖାଇ ସାରିଲେ। ହେଲେ ପୁଅର କେତେଜଣ ସାଙ୍ଗ ଓ ପରିବାର ସଦସ୍ୟ ଖାଇବାକୁ ବାକି ରହିଯାଇଥିଲେ। ସେମାନଙ୍କ ଖାଇବାରେ ବିଳମ୍ବ ହେବାରୁ ମାଂସ (ମଟନ) ତରକାରି ସରି ଯାଇଥିଲା। ମଟନ ତରକାରି ଅଭାବ ହେବାରୁ ବରଘର ପକ୍ଷରୁ ଆରମ୍ଭ ହେଲା ହଙ୍ଗାମା। ପରିସ୍ଥିତି ଶାନ୍ତ କରିବା ପାଇଁ ଝିଅ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି, ପରିଜନ ବାରମ୍ବାର କ୍ଷମା ପ୍ରାର୍ଥନା କରି ବିବାହ କାର୍ଯ୍ୟ କରିବା ସହ ଯାହା ଅଛି ଖାଇବାକୁ ଅନୁରୋଧ କରିଥିଲେ। ହେଲେ ବରପକ୍ଷ ମଟନ ତରକାରି ଦରକାର, ନ ହେଲେ ବିବାହ ହେବ ନାହିଁ ବୋଲି ଜିଦ୍ ଧରିଥିଲେ। ଶେଷରେ ଝିଅ (ମଙ୍ଗୁଳାକନ୍ୟା) ଏ ବିଷୟରେ ଜାଣିବା ପରେ ଘଟଣାସ୍ଥଳକୁ ଆସି ବିବାହ କରିବାକୁ ମନା କରିଦେଇଥିଲେ। ବର ଓ ତାଙ୍କ ପରିବାର ଫେରି ଯାଇଥିଲେ। ଝିଅର ନିଷ୍ପତ୍ତି ସମାଜ ପାଇଁ ଏକ ବାର୍ତ୍ତା ବୋଲି ଅଞ୍ଚଳରେ ଆଲୋଚନା ହେଉଛି।

ନିଜ ନାମ ଗୋପନ ରଖି ଝିଅ ଗଣମାଧ୍ୟମ ଅଗରେ କହିଛନ୍ତି, ବିବାହ କାର୍ଯ୍ୟ ଚାଲିଥିବା ସମୟରେ ଗଣ୍ଡଗୋଳ ହୋଇଥିଲା। ତାହା ପୁଣି ମଟନ ତରକାରି ଖାଇବା ପାଇଁ । ମୋ ଜେଜେବାପା, ବଡବାପା, ବାପା ସମସ୍ତେ ବୁଝାଇବାକୁ ଚେଷ୍ଟା କରିଥିଲେ। ଏପରି କି ମୁଣ୍ଡିଆ ମାରିଥିଲେ। ହେଲେ ସେମାନେ ରାଜି ହୋଇ ନ ଥିଲେ। ମୋ ପରିବାରକୁ କରିଥିବା ଅସମ୍ମାନ ପାଇଁ ମୁଁ ବାହା ହେବାକୁ ସିଧାସଳଖ ମନା କରିଦେଇଥିଲି। ଏବେ ଏମ୍.ଏସ୍‌ସି. କରୁଛି। ଆଗକୁ ଉଚ୍ଚଶିକ୍ଷା କରି ଚାକିରି କରିବି ବୋଲି କହିଥିଲେ। ଝିଅର ମାମୁଁ କହିଛନ୍ତି, ବରଘର କାର୍ଯ୍ୟ ଦେଖି ଝିଅ ନିଜେ ବାହା ହେବାକୁ ମନା କରିଥିଲେ। ତେଣୁ ଆମେ ବିବାହ ବନ୍ଦ କରି ଦେଇଥିଲୁ। ଆମର କୌଣସି ଦୁଃଖ ନାହିଁ। ଆଗକୁ ଝିଅ ଆହୁରି ପାଠ ପଢ଼ିବ ବୋଲି କହିଥିଲେ। ସୂଚନା ଯୋଗ୍ୟ ବରପକ୍ଷ ସୁନ୍ଦରଗଡ଼ ଜିଲାର। ବର ଜଣେ ବ୍ୟାଙ୍କ ପିଇଓ ଭାବେ କାମ କରନ୍ତି। ଉଭୟଙ୍କ ପରିବାର ଝିଅ ଓ ପୁଅଙ୍କ ସହମତି ନେଇ ବିବାହ ଠିକ୍ କରିଥିଲେ। ଏବେ ଝିଅ ନେଇଥିବା ପଦକ୍ଷେପକୁ ସବୁ ମହଲରେ ପ୍ରଶଂସା କରାଯାଉଛି।



ଚାଇନା ସୀମା ନିକଟରେ ନିର୍ମାଣ ହେବାକୁଥିବା ବୃହତ ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଭାରତ ଆରମ୍ଭ କରିବ। ରାଜ୍ୟ ଜଳବିଦ୍ୟୁତ କମ୍ପାନୀ ଏନ୍‌ଏଚ୍‌ପିସି ଏଲ୍‌ଟିଡି ଏହି ମେଗା ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଛି। ପ୍ରକଳ୍ପ ନେଇ ପ୍ରଥମ ୟୁନିଟ ଡିସେମ୍ବର ସୁଦ୍ଧା ଗଠନ ହେବ ବୋଲି ଫାଇନାନ୍ସ ଡିରେକ୍ଟର ରାଜେନ୍ଦ୍ର ପ୍ରସାଦ ଗୋୟଲ କହିଛନ୍ତି। ଦେଶରେ ଦେଖାଯାଉଥିବା ବିଦ୍ୟୁତ ସଙ୍କଟକୁ ଏହି ପ୍ରକଳ୍ପ ଜରିଆରେ ପୂରଣ କରାଯାଇପାରିବ। ୨୦ ବର୍ଷ ପୂର୍ବେ ଅର୍ଥାତ୍ ୨୦୦୩ରୁ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଉକ୍ତ ପ୍ରକଳ୍ପର ମୂଲ୍ୟ ୨.୬ ବିଲିୟନ୍ ଡଲାର ରହିଛି।

## ସଂକ୍ଷେପରେ

### ନାଇଜେରିଆରେ ବୋଟ୍ ବୁଡ଼ି ୧୦୦ ମୃତ

**ଅବୁଜା,୧୩।୬:** ନର୍ଦ୍ଦର୍ନ ନାଇଜେରିଆରେ ବୋଟ୍ ବୁଡ଼ି ୧୦୦ ଜଣଙ୍କ ମୃତ୍ୟୁ ଘଟିଛି। ସୋମବାର ଉସ୍‌ମାନ ଇବ୍ରାହିମ୍‌ର ୨ଟି ଗ୍ରାମର ଲୋକେ ନାଇଜର ଷ୍ଟେଟ୍ର ଇଗବୋଟିରେ ଏକ ବିବାହ ସମାରୋହ ଯୋଗଦେଇ ବୋଟ୍ ଯୋଗେ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବୋଟ୍‌ଟି ନିୟନ୍ତ୍ରଣ ହରାଇ ନାଇଜର ନଦୀର ଗଭୀର ଜଳରେ ବୁଡ଼ିଯାଇଥିବା ସ୍ଥାନୀୟ ପୋଲିସ କହିଛି। ଉଦ୍ଧାର କାର୍ଯ୍ୟ ଜାରି ଥିବାବେଳେ ମଙ୍ଗଳବାର ସୁଦ୍ଧା ୧୦୦ ଜଣଙ୍କ ମୃତଦେହ ଉଦ୍ଧାରକାରୀ ଦଳର ହସ୍ତଗତ ହୋଇଛି।

### କୁମ୍ଭୀରକୁ ପିଟି ମାରିଦେଲେ

**ପାଟନା,୧୩।୬:** ବିହାର ବୈଶାଳୀ ଜିଲାରେ ଗୋଟିଏ କୁମ୍ଭୀରକୁ ପିଟି ପିଟି ଗ୍ରାମବାସୀ ମାରିଦେଇଛନ୍ତି। ଘରକୁ ନୂଆ ବାଇକ୍ ଆସିବା ଖୁସିରେ ଅଙ୍କିତ (୧୦)ଙ୍କ ପରିବାର ଲୋକେ ଗଙ୍ଗା ସ୍ନାନ କରିବାକୁ ଯାଇଥିଲେ। ବାଇକ୍‌ରେ ଗଙ୍ଗାଜଳ ଛିଞ୍ଚିବା ପାଇଁ ଅଙ୍କିତ ନଦୀ ମଧ୍ୟକୁ ପ୍ରବେଶ କରିଥିବାବେଳେ ଏକ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଭିଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ଅଙ୍କିତଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଅଙ୍କିତଙ୍କ ପରିବାର ଉକ୍ତ କୁମ୍ଭୀରଟିକୁ ବାଡ଼ି, ଲୁହା ରଡ୍‌ରେ ପିଟିପିଟି ମାରିଦେଇଛନ୍ତି।

### ଟିସିଏସ୍ ଛାଡ଼ିଲେ ବହୁ ମହିଳା କର୍ମଚାରୀ

**ନୂଆଦିଲ୍ଲୀ, ୧୩।୬:** ଘରେ ରହି କାମ କରିବା (ୱାର୍କ ଫ୍ରମ୍ ହୋମ୍) ବ୍ୟବସ୍ଥା ବନ୍ଦ ହେବା ପରେ ଭାରତର ସର୍ବବୃହତ୍ ସଫ୍ଟୱେର କମ୍ପାନୀ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ ଲିଃର ବହୁସଂଖ୍ୟାରେ ମହିଳା କର୍ମଚାରୀ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନେ ଅଫିସ ଯାଇ କାର୍ଯ୍ୟ କରିବାକୁ ଚାହୁଁ ନାହାନ୍ତି। କୋଭିଡ୍ ମହାମାରୀ ଯୋଗୁ ଆଇଟି କମ୍ପାନୀ ଏହାର କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବାର ସୁବିଧା ଦେଇଥିଲା। ମହାମାରୀ ପରେ ସେମାନଙ୍କୁ କାର୍ଯ୍ୟକୁ ଡକାଯିବାରୁ ପୁରୁଷଙ୍କ ତୁଳନାରେ ମହିଳା କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି।

# ଜେଲେନ୍‌ସ୍କିଙ୍କ ସହରରେ ମିଶାଇଲ ମାଡ଼: ୧୧ ନିହତ

**କିଭ୍,୧୩।୬**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହର କ୍ରିଭି ରିହରେ ସୋମବାର ରାତିରେ ରୁଷୀୟ ସୈନ୍ୟ ତୁହାକୁ ତୁହା ମିଶାଇଲ ଆକ୍ରମଣ କରିଛନ୍ତି। କ୍ଷେପଣାସ୍ତ୍ର ମାଡ଼ରେ ଅନ୍ୟୁନ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୮ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ କେତେଜଣ ଫସିରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ରେସ୍କ୍ୟୁ ଅପରେଶନ୍ ଜାରି ରହିଥିବା କ୍ରିଭି ରିହ ମେୟର ଓଲେକ୍‌ସାଣ୍ଡାର ଭିଲକୁଲ କହିଛନ୍ତି।

୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସୈନ୍ୟଙ୍କୁ ୟୁକ୍ରେନ୍ ଉପରେ ଆକ୍ରମଣ ନିର୍ଦ୍ଦେଶ ଦେବା ପରଠୁ ୟୁକ୍ରେନୀୟ ସୁରକ୍ଷା ବଳ ପାଶ୍ଚାତ୍ୟରୁ ମିଳିଥିବା ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଅନେକ ଅଞ୍ଚଳକୁ ପୁନଃ ଦଖଲ ଉଦ୍ୟମ ଜାରି ରଖିଛି। ଏଭଳି ସ୍ଥିତିରେ କ୍ରିଭି ରିହକୁ ରୁଷିଆର ଟାର୍ଗେଟ୍‌କୁ ଜେଲେନ୍‌ସ୍କି ଆତଙ୍କବାଦୀ ଆକ୍ରମଣ ଭାବେ ଅଭିହିତ କରିଛନ୍ତି। ରୁଷୀୟ ହତ୍ୟାକାରୀମାନେ ଆକାଶମାର୍ଗରୁ ଆବାସିକ କୋଠାଗୁଡ଼ିକୁ ଟାର୍ଗେଟ କରିଥିବା ସେ କହିଛନ୍ତି। ଇତିମଧ୍ୟରେ ୟୁକ୍ରେନ୍ ସୈନ୍ୟ ଡୋନେସ୍କ ଅଞ୍ଚଳର ବାଖ୍‌ମୁଟ୍ ସହର ବାହାରେ ଅଗ୍ରସର ହୋଇ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପୁଟିନ୍ କହିଛନ୍ତି, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ କିଭ୍‌କୁ ଯୋଗାଇଦେଇଥିବା ସାମରିକ ଯାନଗୁଡ଼ିକ ମଧ୍ୟରୁ ୨୫ରୁ ୩୦% ଯୁଦ୍ଧରେ ନଷ୍ଟ ହୋଇସାରିଲାଣି। ଗତ ସପ୍ତାହରେ ନୋଭା କାଖୋଭ୍‌କା ଡ୍ୟାମ୍ ଭୁଶୁଡ଼ିବା ପଛରେ କିଭ୍‌ର ହାତ ରହିଛି। ଆମେରିକା ନିର୍ମିତ ହିମାର୍ସ ମିଶାଇଲ ସିଷ୍ଟମ୍ ଜରିଆରେ ୟୁକ୍ରେନୀୟ ସୈନ୍ୟ ଏହାକୁ ଧ୍ୱସ୍ତବିଧ୍ୱସ୍ତ କରିଛନ୍ତି।

## ରୁଷିଆର ଆଣବିକ ଅସ୍ତ୍ର ବ୍ୟବହାର କରିବୁ: ଲୁକାଶେଙ୍କୋ



ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ

**ମସ୍କୋ,୧୩।୬**

ବେଲାରୁଷ ଉପରେ ଆକ୍ରମଣ ହେଲେ ରୁଷିଆର ଟେକ୍ଟିକାଲ୍ (ବୋମାବର୍ଷଣକାରୀ) ଆଣବିକ ଅସ୍ତ୍ରଗୁଡ଼ିକୁ ବ୍ୟବହାର କରିବାକୁ ପଛାଇବୁ ନାହିଁ ବୋଲି ମଙ୍ଗଳବାର ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଚେତାବନୀ ଦେଇଛନ୍ତି। ବେଲାରୁଷ ନେତା ଆହୁରି କହିଛନ୍ତି, ଏହା ହେଉଛି ପ୍ରତିରୋଧକ ଅସ୍ତ୍ର। ଯେଉଁ ଦେଶ ପାଖରେ ଏଭଳି ଅସ୍ତ୍ର ଥିବ ତା' ସହ ଲଢ଼େଇ କରିବାକୁ କୌଣସି ରାଷ୍ଟ୍ର ଚାହିଁବେ ନାହିଁ। ଏହା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ଲୁକାଶେଙ୍କୋଙ୍କ ସହ ବୈଠକ ବେଳେ କହିଥିଲେ, ନ୍ୟୁକ୍ଲିୟର ୱିପନ୍ ମହଜୁଦ ରଖିବା ପାଇଁ ଜୁଲାଇ ୭-୮ ସୁଦ୍ଧା ଅସ୍ତ୍ରାଗାର ନିର୍ମାଣ ଶେଷ ହେବ।

## ସ୍ୱାମୀଙ୍କୁ ହତ୍ୟା ପରେ ଗୁଗଲରେ ଧନୀଙ୍କ ପାଇଁ ବିଳାସପୂର୍ଣ୍ଣ ଜେଲ ଖୋଜିଲେ

**ୱାଶିଂଟନ୍,୧୩।୬**



କୋଉରି ରିଚିନ୍ସ

ଆମେରିକୀୟ ମହିଳା କୋଉରି ରିଚିନ୍ସଙ୍କ ବିରୋଧରେ ସ୍ୱାମୀ ହତ୍ୟା ଅଭିଯୋଗ ରହିଛି। ୩୩ ବର୍ଷୀୟା କୋଉରି ହେଉଛନ୍ତି ୩ ସନ୍ତାନଙ୍କ ଜନନୀ ଏବଂ ଜଣେ ଲେଖିକା। ୨୦୨୨ ମାର୍ଚ୍ଚରେ ସେ ନିଜ ସ୍ୱାମୀ ଏରିକ୍ ରିଚିନ୍ସଙ୍କୁ ମାତ୍ରାଧିକ ଫେଣ୍ଟାନିଲ (ମସ୍ତିଷ୍କ ଯନ୍ତ୍ରଣା ହ୍ରାସ ପାଇଁ ଉଦ୍ଦିଷ୍ଟ ଔଷଧ) ଦେଇଥିଲେ। ଫଳରେ ବିଷକ୍ରିୟାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ତଦନ୍ତକାରୀ ଅଧିକାରୀମାନେ କୋଉରିଙ୍କ ଗୁଗଲ ହିଷ୍ଟ୍ରି ସର୍ଚ୍ଚ କରିଥିଲେ। ସେ ଇଣ୍ଟରନେଟ୍‌ରେ ଉଟାହ କାରାଗାର ଏବଂ ଆମେରିକାରେ ଧନୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଳାସପୂର୍ଣ୍ଣ ଜେଲଗୁଡ଼ିକ ସମ୍ପର୍କରେ ତଥ୍ୟ ଖୋଜିଥିଲେ। ତଦନ୍ତକାରୀମାନେ ଡିଲିଟେଡ୍ ମେସେଜ୍‌ଗୁଡ଼ିକୁ ଦେଖିପାରିବେ କି ନାହିଁ, ବୀମା କମ୍ପାନୀଗୁଡ଼ିକ ଦାବିଦାରଙ୍କୁ ଅର୍ଥ ପ୍ରଦାନ କରିବାରେ କେତେ ସମୟ ନେଇଥାଆନ୍ତି, ପୋଲିସ ଲାଏ ଡିଟେକ୍ଟର ଟେଷ୍ଟ ପାଇଁ ବାଧ କରିପାରିବ କି ଏବଂ ହେଥ୍ ସାର୍ଟିଫିକେଟ୍‌ରେ ମୃତ୍ୟୁର କାରଣ ବଦଳାଯାଇପାରିବ କି ଭଳି ପ୍ରଶ୍ନର ଉତ୍ତର ମଧ୍ୟ ସେ ୱେବ୍‌ରେ ସର୍ଚ୍ଚ କରିଥିଲେ। ସୋମବାର ତାଙ୍କୁ ଏକ କୋର୍ଟରେ ହାଜର କରାଯାଇଥିବାବେଳେ ଗୁଗଲରେ ସେ ସର୍ଚ୍ଚ କରିଥିବା ଏହିସବୁବିଷୟ ସାମ୍ନାକୁଆସିଥିଲା। ବିଚାରପତି ଏହାକୁ ସମାଜ ପ୍ରତି ଏକ 'ବଡ଼ ବିପଦ' ଭାବେ ଅଭିହିତ କରି କୋଉରିଙ୍କୁ ଜେଲରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ନିୟମ ନ ମାନିଲେ ପରିଣାମ ଭୋଗିବେ ବାବୁ

**ନୂଆଦିଲ୍ଲୀ,୧୩।୬**

**ଷ୍ଟଡି ଲିଭ୍ ପାଇଁ କେନ୍ଦ୍ରର ନୂଆ ଗାଇଡ୍‌ଲାଇନ୍**

ସର୍ବଭାରତୀୟ ସେବା (ଏଆଇଏସ୍) ଅଧୀନରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଏବଂ ଭାରତୀୟ ଜଙ୍ଗଲ ସେବା (ଆଇଏଫ୍‌ଓଏସ୍) ରହିଛି। ଏହି ୩ ସେବାରେ ନିୟୋଜିତ ଅଧିକାରୀମାନଙ୍କ ଷ୍ଟଡି ଲିଭ୍ ସକାଶେ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି, ଯାହାକୁ ମାନିବା ପାଇଁ ସେମାନେ ବାଧ୍ୟ। ଏହାକୁ ଅବଜ୍ଞା କଲେ ଅମଲାତନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ ଓ ପରିଣାମଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

ବାବୁମାନେ ଷ୍ଟଡି ଲିଭ୍‌ରେ ଯିବାବେଳେ ଏଆଇଏସ୍ (କଣ୍ଡକ୍ଟ) ରୁଲ୍ସ, ୧୯୬୮କୁ ସମ୍ପୂର୍ଣ୍ଣ ଭାବେ ମାନୁ ନ ଥିବା ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ବର୍ତ୍ତମାନଠାରୁ ଷ୍ଟଡି ଲିଭ୍‌ରେ ଯିବା ପୂର୍ବରୁ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଓଏସ୍ ଅଧିକାରୀମାନେ ଉପରୋକ୍ତ ନିୟମ ମାନି ଚଳିବା ନେଇ ଲିଖିତ ଭାବେ ଏକ ଅଣ୍ଡରଟେକିଂ ଦାଖଲ କରିବେ ବୋଲି ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ନିର୍ଦ୍ଦେଶନାମାରେ କୁହାଯାଇଛି।

## ଋଣ ଖିଲାପୀଙ୍କ ପାଇଁ ବୁଝାମଣା ବନ୍ଦୋବସ୍ତକୁ ବ୍ୟାଙ୍କ ୟୁନିୟନର ବିରୋଧ

**ନୂଆଦିଲ୍ଲୀ, ୧୩।୬:** ଇଚ୍ଛାକୃତ ଭାବେ ଋଣ ପରିଶୋଧ କରୁ ନ ଥିବା ଖିଲାପୀମାନଙ୍କ କ୍ଷେତ୍ରରେ ବୁଝାମଣା ବନ୍ଦୋବସ୍ତ ଜରିଆରେ ବକେୟାଠାରୁ କମ୍ ଅର୍ଥ ଆଦାୟ କରି ଋଣ ଖାତା ବନ୍ଦ କରିବା ନିମନ୍ତେ ରିଜର୍ଭ ବ୍ୟାଙ୍କ ନେଇଥିବା ନିଷ୍ପତ୍ତିକୁ ବ୍ୟାଙ୍କ ୟୁନିୟନ ଏଆଇବିଓସି ଏବଂ ଏଆଇବିଇଏ ବିରୋଧ କରିଛନ୍ତି। ଏହା ଏକ କ୍ଷତିକାରକ ପଦକ୍ଷେପ, ଯାହା ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସଚ୍ଚୋଟତା ସହ ସାଲିସ କରିବାକୁ ପଡ଼ିପାରେ। ଏହାଦ୍ୱାରା ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ଋଣଗ୍ରହୀତାମାନଙ୍କୁ ରୋକିବା ଉଦ୍ୟମ ଶିଥିଳ ହେବ ବୋଲି ୟୁନିୟନଗୁଡ଼ିକ ମିଳିତ ବିବୃତିରେ କହିଛନ୍ତି। ବ୍ୟାଙ୍କିଙ୍ଗ ଶିଳ୍ପର ମୁଖ୍ୟ ଅଂଶୀଦାର ଭାବେ ୱିଲ୍‌ଫୁଲ୍ ଡିଫଲ୍ଟରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନକୁ ଆମେ ସବୁବେଳେ ସମର୍ଥନ କରିବୁ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓସି) ଏବଂ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ) ପକ୍ଷରୁ କୁହାଯାଇଛି।

## ମା'ଙ୍କୁ ହତ୍ୟା, ସୁଟ୍‌କେସରେ ମୃତଦେହ ନେଇ ଆତ୍ମସମର୍ପଣ

**ବେଙ୍ଗାଲୁରୁ, ୧୩।୬**



ସେନାଲି ସେନ

ବେଙ୍ଗାଲୁରୁରେ ଜଣେ ଯୁବତୀ ମା'ଙ୍କ ମୃତଦେହକୁ ଶୁଟ୍‌କେସରେ ନେଇ ଥାନାରେ ଆତ୍ମସମର୍ପଣ କରିଛନ୍ତି। ୭୦ ବର୍ଷୀୟା ବିଭା ପାଲଙ୍କୁ ହତ୍ୟା ନେଇ ଝିଅ ସେନାଲି ସେନ(୩୯)ଙ୍କୁ ପୋଲିସ ଗିରଫ କରିଛି। ବେଙ୍ଗାଲୁରୁ ବେଲାକାହାଲିସ୍ଥିତ ଏକ ଆପାର୍ଟମେଣ୍ଟରେ ସେନାଲିଙ୍କ ସହ ତାଙ୍କ ମା' ରହୁଥିଲେ। ସେନାଲି ପେସାରେ ଜଣେ ଫିଜିଓଥେରାପିଷ୍ଟ। ମା' ବିଭା ଓ ସେନାଲିଙ୍କ ଶାଶୁଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ଲାଗି ରହୁଥିଲା। ଏଥିରେ ବିରକ୍ତ ହୋଇ ସେନାଲି ସୋମବାର ସକାଳେ ମା'ଙ୍କୁ ଏକକାଳୀନ ୨୦ଟି ନିଦ ବଟିକା ଖୁଆଇଦେଇଥିଲେ। ପେଟରେ ଯନ୍ତ୍ରଣା ହେବା କଥା ମା' କହିବା ପରେ ସେନାଲି ଏକ ଓଢ଼ଣୀରେ ତାଙ୍କ ଗଳାଚିପି ହତ୍ୟା କରିଥିଲେ। ଏହାପରେ ଟ୍ରଲି ସୁଟ୍‌କେସ୍‌ରେ ମା'ଙ୍କ ମୃତଦେହ ସହିତ ସ୍ୱର୍ଗତ ବାପାଙ୍କ ଫଟୋକୁ ରଖି ସେ ଥାନାରେ ଆତ୍ମସମର୍ପଣ କରିଥିଲେ। ସେନାଲି ୨ ବର୍ଷ ହେବ ଚାକିରି ଛାଡ଼ି ଘରେ ରହୁଥିଲେ। ଗିରଫ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ମଣିପୁର ଶାନ୍ତି କମିଟିରେ ସାମିଲ ହେବନି ମେଇତି ଗ୍ରୁପ୍

**ପାଟନା, ୧୩।୬**

ହିଂସାପ୍ରବଣ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଗଠନ କରିଥିବା କମିଟିରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ସାମିଲ କରାଯାଇଥିବାରୁ କୁକି ସମ୍ପ୍ରଦାୟ ଅସନ୍ତୋଷ ବ୍ୟକ୍ତ କରିଛି। ମେଇତିସିଭିଲ ସୋସାଇଟିଗ୍ରୁପ୍‌ର ଅନ୍ୟତମ ସଂଗଠନ ମଣିପୁର ସଂହତି ସମନ୍ୱୟ କମିଟିର ଆବାହକ ଜିତେନ୍ଦ୍ର ନିଗୋମ୍ବାଙ୍କୁ କମିଟିରେ ସଦସ୍ୟ କରାଯାଇଥିବାବେଳେ ଏହାକୁ କମିଟି ଅଗ୍ରାହ୍ୟ କରିଦେଇଛି। ମେଇତି ଗ୍ରୁପ୍ ଶାନ୍ତି କମିଟିରେ ରହିବ ନାହିଁ ବୋଲି କହିଛି। ମଣିପୁର ରାଜ୍ୟପାଳ ଅନସୂୟା ଉଇକେଙ୍କ ଅଧ୍ୟକ୍ଷତାରେ ଗତ ୧୦ ତାରିଖରେ ରାଜ୍ୟସ୍ତରୀୟ ଶାନ୍ତି କମିଟି ଗଢ଼ାଯାଇଥିଲା। କମିଟିରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ, ଏମ୍‌ପି, ବିଧାୟକ, ମନ୍ତ୍ରୀ ଓ ଅନ୍ୟ ଷ୍ଟେକ୍ ହୋଲ୍ଡରମାନେ ଅଛନ୍ତି। ଶାନ୍ତି କମିଟି ଗଠନରେ ଆମେ ସନ୍ତୁଷ୍ଟ ନୋହୁଁ ବୋଲି ମଣିପୁର ସଂହତି ସମନ୍ୱୟ କମିଟି ପକ୍ଷରୁ କୁହାଯାଇଛି।

## ଫୁର୍‌ସତ



ତମନ୍ନା ଭାଟିଆ

### ଲଭ୍ ଲାଇଭକୁ ନେଇ ମୁହଁ ଖୋଲିଲେ ତମନ୍ନା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ କିଛିଦିନ ହେବ ତାଙ୍କ ଲଭ ଲାଇଭ ନେଇ ଚର୍ଚ୍ଚାରେ ରହୁଥିଲେ। ଅଭିନେତ୍ରୀଙ୍କୁ ବିଜୟ ବର୍ମାଙ୍କ ସହ ଅନେକଥର ଦେଖିବାକୁ ମିଳିଛି। ଗୋଆରେ ହୋଇଥିବା ନବବର୍ଷ ଉତ୍ସବରେ ଏମାନେ ଏକାଠି ନଜର ଆସିଥିଲେ। ସେ ସମୟରେ ପରସ୍ପରକୁ ଆଲିଙ୍ଗନ ସହ କିସ୍‌ର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ମଧ୍ୟ ଦୁହିଁଙ୍କୁ ଡିନର ଡେଟ୍ ଓ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ତମନ୍ନା ତାଙ୍କ ଲଭ ଲାଇଭ୍ ବାବଦରେ ମିଡିଆ ଆଗରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ନେଟଫ୍ଲିକ୍ସର ଫିଲ୍ମ 'ଲଷ୍ଟ ଷ୍ଟୋରି ୨'ରେ ତମନ୍ନା ଏବଂ ବିଜୟ ନିକଟତର ହୋଇଥିଲେ। ଏକ ସାକ୍ଷାତକାରରେ ତମନ୍ନା କହିଛନ୍ତି, 'ଜଣେ ବ୍ୟକ୍ତି ଅଛନ୍ତି, ଯାହା ବିଷୟରେ ମୁଁ ବହୁତ ଚିନ୍ତା କରେ। କାରଣ ସେ ମୋର ହାପି ପ୍ଲେସ୍। ସେ ଜଣେ ଏପରି ବ୍ୟକ୍ତି ଯିଏ ମତେ ସମ୍ପୂର୍ଣ୍ଣ ଭାବେ ବୁଝିଛନ୍ତି। ତେବେ ତମନ୍ନା ୨୦୦୫ରେ ତାଙ୍କ ବଲିଉଡ୍‌ର କ୍ୟାରିୟର ହିନ୍ଦୀ ଫିଲ୍ମରୁ ଆରମ୍ଭ କରିଥିଲେ। ପରେ ସେ ଅନେକ ତାମିଲ, ତେଲୁଗୁରେ ଅଭିନୟ କରିଛନ୍ତି। ଶେଷଥର ପାଇଁ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ଅନେକ ମୁଭି ରହିଛି। ସେଥିରୁ ଗୋଟିଏ ଚଳଚ୍ଚିତ୍ରର ଶୁଟିଂ ସରିଥିବାବେଳେ ଅନ୍ୟ ସବୁର ଶୁଟିଂ ଚାଲୁ ରହିଛି।

# ସବୁଠୁ ଛୋଟ ନଦୀ 'ରୋଏ'



**ୱାଶିଂଟନ:** ଭାରତରେ ଅନେକ ନଦୀ ବହିଛି। ହେଲେ ଆମେ ସେହି ନଦୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତିକ୍ରମ କରିବାକୁ ଆମକୁ ବହୁ ମାସ ସମୟ ଲାଗିଯିବ। ବିଶ୍ୱରେ ସବୁଠାରୁ ଦୀର୍ଘତମ ନଦୀ ଭାବେ ଆଫ୍ରିକାରେ ଥିବା ନୀଳ ନଦୀକୁ ବୁଝାଏ। ତେବେ ରୋଏ ରିଭରକୁ ବିଶ୍ୱର ସବୁଠୁ ଛୋଟ ନଦୀ ବୋଲି କୁହାଯାଏ। ଏହା ଆମେରିକାର ମୋଣ୍ଟାନା ରାଜ୍ୟରେ ପ୍ରବାହିତ ହେଉଛି, ଯାହାକି ହି ନଦୀ ଆମେରିକାର ଲିଟିଲ ବେଲ୍ଟ ପର୍ବତରୁ ବାହାରିଛି। ଯାହାର ଲମ୍ବ ୨୦୧ ଫୁଟ୍। ଆମେରିକାର ସବୁଠାରୁ ବଡ଼ ନଦୀ ମିସୁରୀ ସହ ସେ ସମାନ୍ତରାଳ ଭାବେ ପ୍ରବାହିତ ହେଉଛି। ପରେ ସେ ମିସୁରୀ ସହ ମିଶି ଯାଇଛି। ୧୯୮୦ ମସିହାରେ ଲିନ୍‌କୋଲ୍‌ନ ସ୍କୁଲ ଏଲିମେଣ୍ଟାରୀ ଶିକ୍ଷକ ସୁସାନ ନର୍ଦ୍ଦନଜର୍ ଏବଂ ତାଙ୍କ ୫ମ ଶ୍ରେଣୀ ଛାତ୍ର ମିଶି ଏକ ଅଭିଯାନ ଚଳାଇଥିଲେ। ଯେଉଁଥିରେ ରୋଏ ନଦୀକୁ ବିଶ୍ୱର ସବୁଠାରୁ ଛୋଟ ନଦୀ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦେବାକୁ ପ୍ରଚେଷ୍ଟା ଚଳାଇଥିଲେ। ବିଶ୍ୱର ସବୁଠାରୁ ଛୋଟନଦୀ ଭାବେ ୧୯୮୯ରୁ ୨୦୦୦ ପର୍ଯ୍ୟନ୍ତ ଓରିଗୋନରେ ଥିବା ଡି ନଦୀ ପାଖରେ ଟାଏଟେଲ ରହିଥିଲା, ଯାହାର ଲମ୍ବ ୪୪୦ ଫୁଟ୍। ଏହା ପରେ ରୋଏ ନଦୀ ଏବଂ ଡି ନଦୀ ମଧ୍ୟରେ ଲୋକେ ପ୍ରତିଯୋଗିତା ଆରମ୍ଭ କରିଦେଲେ। ସେଥିପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଟାଇଟଲ ଦେବା ବନ୍ଦ କରିଦେଲା। ତେବେ ବର୍ତ୍ତମାନ ରୋଏ ନଦୀ ସବୁଠାରୁ ଛୋଟ ନଦୀ ଭାବେ ଜଣାଶୁଣା। ଏହାର ଲମ୍ୱା ୬୧ ମିଟର ହୋଇଥିବାରୁ ଲୋକେ ଏହାକୁ ସହଜରେ କିଛି ଘଣ୍ଟା ମଧ୍ୟରେ ଅତିକ୍ରମ କରିନେବେ।

## ୪୧୯ ମିଟର ତଳେ 'ଦି ଡିପ୍ ସ୍ଲିପ୍'

**ଲଣ୍ଡନ:** ଆମେ ବାହାରକୁ ଗଲେ ସେଠାରେ ହୋଟେଲରେ ରହିବାକୁ ପଡେ। ଏପରି ଏକ ହୋଟେଲ ଅଛି, ଯେଉଁଠାରେ କି ବହୁତ ଭଲ ସୁବିଧା ରହିଛି। ହୋଟେଲର ଫଟୋ ଏବଂ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, ହୋଟେଲଟି ଭୂମିଠାରୁ ୧,୩୭୫ ଫୁଟ ଅର୍ଥାତ୍ ୪୧୯ ମିଟର ତଳେ ରହିଛି। ଏଠାରେ ରହିବାକୁ ଆରାମଦାୟକ ରୁମ୍ ରହିଛି। ଲୋକଙ୍କ ପାଇଁ ଏଠାରେ ବହୁତସାରା ଜିନିଷ ରଖାଯାଇଛି। ପ୍ରେମୀ ଯୁଗଳଙ୍କ ପାଇଁ ମଧ୍ୟ ଖାସ୍ ରୁମ୍ ରହିଛି। ରିପୋର୍ଟ ମୁତାବକ, ଏହି 'ଦି ଡିପ୍ ସ୍ଲିପ' ହୋଟେଲ ବ୍ରିଟେନର ଉତ୍ତର ୱେଲ୍ସରେ ଥିବା ସ୍ନୋଡୋନିଆ ପାହାଡ଼ ତଳେ ରହିଛି। ଏହା ବିଶ୍ୱର ସବୁଠୁ ଗଭୀରତମ ହୋଟେଲ ବୋଲି କୁହାଯାଉଛି। ଏଠାରେ ୪ ବ୍ୟକ୍ତିଗତ ଟୁଇନ ବେଡ୍ ସହିତ ଡବଲ ବେଡ୍ ରହିଛି। ଏହାକୁ କେବଳ ଶନିବାର ରାତିରୁ ରବିବାର ସକାଳ ଯାଏ ବୁକ୍ କରାଯାଇପାରିବ। ଏହି ହୋଟେଲକୁ ଯିବାକୁ ହେଲେ ଆବଡ଼ାଖାବଡ଼ା ରାସ୍ତା, ହ୍ରଦ, ପାହାଡ଼, ସୁଡ଼ଙ୍ଗ ଦେଇ ଯିବାକୁ ପଡିବ। ଯେଉଁଥିପାଇଁ ପାଖାପାଖି ଘଣ୍ଟାଏ ଟ୍ରାକିଂ କରିବାକୁ ପଡ଼ିବ। ଯିବା ରାସ୍ତାରେ ଅନେକ ପ୍ରାଚୀନ କଳାକୃତିମାନ ଦେଖିବାକୁ ମିଳିବ। ତେବେ ହୋଟେଲରେ ତାପମାତ୍ର ୧୦ ଡିଗ୍ରୀ ରହିବ। ହୋଟେଲର ମ୍ୟାନେଜର ମାଇକ୍ ମାରିସ୍ କହିଛନ୍ତି, ଏଠାକୁ ଯିଏ ଆସିଛନ୍ତି, ସେମାନଙ୍କୁ ଏହି ଜାଗା ବହୁତ ପସନ୍ଦ ଆସିଛି। ସେମାନଙ୍କୁ ବହୁତ ଭଲ ନିଦ ମଧ୍ୟ ହୋଇଛି। ସେଥିପାଇଁ ଏହି ହୋଟେଲର ନାମ 'ଦି ଡିପ୍ ସ୍ଲିପ' ରଖାଯାଇଛି। କିନ୍ତୁ ଏଠାରେ ରହିବାକୁ ଆଗୁଆ ବୁକିଂ କରିବାକୁ ପଡ଼ିଥାଏ। ହୋଟେଲରେ ରହିବାକୁ ୩୫ ହଜାରରୁ ଆରମ୍ଭ କରି ୬୦ ହଜାର ମଧ୍ୟରେ ଖର୍ଚ୍ଚ କରିବାକୁ ହେବ।



## କଫିନ୍ ଭିତରୁ ଜିଇଉଠିଲେ ମହିଳା



**କ୍ୱିଟୋ**

ଇକ୍ୱାଡୋରରେ ଏକ ବିସ୍ମୟକର ଘଟଣା ସାମ୍ନାକୁ ଆସିଛି। ୭୬ ବର୍ଷୀୟା ବେଲା ମୋଣ୍ଟୋୟାଙ୍କୁ ଡାକ୍ତର ମୃତ ଘୋଷଣା କରିବାର କିଛି ସମୟ ପରେ ସେ ଜୀବିତ ଥିବା ଜଣାପଡ଼ିଛି। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ବେଲାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକ ଅନ୍ତ୍ୟେଷ୍ଟି ପାଇଁ ତାଙ୍କୁ ଘରକୁ ଆଣିଥିଲେ। ମୃତ ମହିଳାଙ୍କୁ କଫିନ୍ ଭିତରେ ରଖାଯାଇଥିଲା। କିନ୍ତୁ ଏହାର କିଛି ସମୟ ପରେ କଫିନ୍ ଭିତରୁ କିଛି ଶବ୍ଦ ଶୁଣିବାକୁ ମିଳିଥିଲା। ସେଠାରେ ଥିବା ତାଙ୍କ ପୁଅ ବାରବେରା କଫିନ୍ ଖୋଲି ଦେଖିଲାବେଳକୁ ବେଲା ଜୋରରେ ନିଃଶ୍ୱାସ ନେଉଥିଲେ। ପରିବାର ଲୋକ ତୁରନ୍ତ ବେଲାଙ୍କୁ ବାବାହୋୟାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତ ଶୁକ୍ରବାର ହୃଦ୍‌ଜନିତ ଯନ୍ତ୍ରଣା ଅନୁଭୂତ ହେବା ପରେ ବେଲାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ତାଙ୍କୁ ମୃତ ବୋଲି ଘୋଷଣା କରାଯାଇଥିଲା। ଘଟଣା ସାମ୍ନାକୁ ଆସିବା ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୪ ଜୁନ୍, ୨୦୨୩



## ସଂକ୍ଷେପରେ

### ୧୫ ପର୍ଯ୍ୟନ୍ତ ୨୬ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୧୩।୬(ଅଭିଜିତ ଦାସ):** ବାହାନଗା ଟ୍ରେନ ଦୁର୍ଘଟଣାକୁ ୧୨ ଦିନ ବିତିଯାଇଥିଲେ ମଧ ରେଳ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ମରାମତି କାର୍ଯ୍ୟଜାରି ରହିଛି। ମରାମତି କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୧୫ ତାରିଖ ପର୍ଯ୍ୟନ୍ତ ୨୬ଟି ଟ୍ରେନ ଚଳାଚଳ ବାତିଲ କରାଯାଇଛି। ମଙ୍ଗଳବାର ଦକ୍ଷିଣ-ପୂର୍ବ ରେଳ ପଥ ପକ୍ଷରୁ ସିପିଆର୍‌ଓ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ୧୮୦୪୪ ଭଦ୍ରକ -ହାଓଡା ଏକ୍ସପ୍ରେସ, ୧୮୦୩୮ ଯାଜପୁର କେଉଁଝର ରୋଡ ଖଡ଼ଗପୁର ଏକ୍ସପ୍ରେସ, ୦୮୦୩୨ ଭଦ୍ରକ ବାଲେଶ୍ୱର ମେମୁ ସ୍ପେଶାଲ, ୧୮୦୨୨ ଖୋର୍ଦ୍ଧା ରୋଡ ଖଡ଼ଗପୁର ଏକ୍ସପ୍ରେସ, ୦୮୪୧୬ ପୁରୀ ଜଳେଶ୍ୱର ମେମୁ ସ୍ପେଶାଲ, ୦୮୪୧୨ ଭୁବନେଶ୍ୱର ବାଲେଶ୍ୱର ସ୍ପେଶାଲ, ୦୩୨୩୦ ପାଟଣା ପୁରୀ ସ୍ପେଶାଲ, ୦୮୪୧୧ ବାଲେଶ୍ୱର ଭୁବନେଶ୍ୱର ସ୍ପେଶାଲ, ୦୮୦୩୧ ବାଲେଶ୍ୱର ଭଦ୍ରକ ମେମୁ ସ୍ପେଶାଲ, ୧୮୦୪୩ ହାଓଡା ଭଦ୍ରକ ଏକ୍ସପ୍ରେସ, ୦୮୪୧୫ ଜଳେଶ୍ୱର ପୁରୀ ମେମୁ ସ୍ପେଶାଲ,୧୮୦୨୧ ଖଡ଼ଗପୁର ଖୋର୍ଦ୍ଧାରୋଡ ଏକ୍ସପ୍ରେସ, ୨୨୬୦୩ ଖଡ଼ଗପୁର ଭିଲୁପୁରମ ଏକ୍ସପ୍ରେସ,୧୮୦୩୭ ଖଡ଼ଗପୁର ଯାଜପୁର କେଉଁଝର ରୋଡ଼ ଏକ୍ସପ୍ରେସ,୧୮୯୪୫ ସଲିମାର ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ, ୧୮୪୦୯ ଶାଲିମାର ପୁରୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ,୨୨୮୭୪ ଭିଶାଖାପାଟନମ ଦୀଘା ଏକ୍ସପ୍ରେସ,୧୨୮୯୬ ପୁରୀ ଶାଲିମାର ଏକ୍ସପ୍ରେସ, ୨୦୮୩୨ ସମ୍ବଲପୁର ଶାଲିମାର୍ ଏକ୍ସପ୍ରେସ, ୧୮୪୧୦ ପୁରୀ ଶାଲିମାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ, ୨୨୮୦୮ଏମଜିଆର ଚେନ୍ନାଇ ସାନ୍ତରାଗାଛି ଏକ୍ସପ୍ରେସ, ୧୮୦୪୬ ହାଇଦ୍ରାବାଦ ଶାଲିମାର ଇଷ୍ଟକୋଷ୍ଟ ଏକ୍ସପ୍ରେସ, ୨୨୮୮୮ ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ ହାଓଡା ହମସଫର ଏକ୍ସପ୍ରେସ,୧୨୮୮୧ସଲିମାର ପୁରୀ ଗରିବ ରଥ ଏକ୍ସପ୍ରେସ, ୦୭୦୪୧ ଦିବ୍ରୁଗଡ ସିକନ୍ଦରାବାଦ ଏକ୍ସପ୍ରେସ ଓ୦୮୦୧୧ ଭଞ୍ଜପୁର ପୁରୀ ସ୍ପେଶାଲ ଟ୍ରେନ୍ ବାତିଲ କରାଯାଇଛି।

### ସଫେଇ କର୍ମଚାରୀଙ୍କ ସ୍ଥିତି ପରଖିଲେ ଜାତୀୟ କମିଶନ

**ଭୁବନେଶ୍ୱର, ୧୩।୬(ବନ୍ଦନା ସେଠୀ):** ଜାତୀୟ ସଫେଇ କମିଶନ ଡ. ପି.ପି. ଭାଭା ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ଏହି କ୍ରମରେ ଡ. ଭାଭା ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଏମସି ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମସ୍ତ ସରକାରୀ ସୁବିଧା ମିଳୁଛି କି ନାହିଁ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଇପିଏଫ ସୁବିଧା, ସେଫ୍ଟିକିଟ୍ ବଣ୍ଟନ କରାଯାଉଛି କି ନାହିଁ ସେ ନେଇ ପଚାରି ବୁଝିଥିଲେ। ଗତବର୍ଷ କମିଶନ ଗସ୍ତରେ ଆସିଥିବା ବେଳେ ସଫେଇ କର୍ମଚାରୀଙ୍କ ପ୍ରତି ବିଭିନ୍ନ ବ୍ୟବସ୍ଥା ଅବଲମ୍ବନ କରିବାକୁ ବିଏମସିକୁ ପରାମର୍ଶ ଦେଇଥିଲେ। ତେଣୁ ବିଏମ୍‌ସି କେଉଁଭଳି ଯୋଜନା କାର୍ଯ୍ୟକାରୀ କରିଛି ସେ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ ସାହୁ ଓ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପାୟୁକ୍ତ ଗାୟତ୍ରୀ ସାମନ୍ତରାୟ, ଅଶୋକ ଲେଙ୍କା, ମନୋରଞ୍ଜନ ସାହୁ, ରାଜକିଶୋର ଜେନା, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାସ୍ ହାର ୯୪.୭%, ଚିନ୍ମୟ ଚନ୍ଦ୍ରଶେଖର ଶ୍ରେଷ୍ଠ ଗ୍ରାଜୁଏଟ୍

### ବିଜେବି କଲେଜର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

**ଭୁବନେଶ୍ୱର,୧୩।୬ (ଅନୁରାଧା ମହାରଣା)**


କଲେଜ ଅଧ୍ୟକ୍ଷ ପ୍ରଫେସର ଗୁଲାମ ମୋଇନୁଦ୍ଦିନ ଖାନ୍ ଏବଂ ପରୀକ୍ଷା ନିୟନ୍ତ୍ରକ ଡ. ଜୟନ୍ତୀ ପଣ୍ଡା ପରୀକ୍ଷାଫଳ ସୂଚନା ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ୩ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୁଲାମ ମୋଇନୁଦ୍ଦିନ ଖାନ୍ ଏବଂ ପରୀକ୍ଷା ନିୟନ୍ତ୍ରକ ଡ. ଜୟନ୍ତୀ ପଣ୍ଡା ପରୀକ୍ଷାଫଳ ସୂଚନା ପୁସ୍ତିକା ଉନ୍ମୋଚନ କରିଛନ୍ତି। ଚଳିତ ବର୍ଷ ପାସ୍ ହାର ୯୪.୭ ପ୍ରତିଶତ ହୋଇଛି। ଏହା ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ରଜ ଉପହାର ବୋଲି ଅଧ୍ୟକ୍ଷ ଖାନ୍ କହିଛନ୍ତି। କରୋନା ପରେ ହୋଇଥିବା ଏହି ଅଫ୍‌ଲାଇନ ପରୀକ୍ଷାରେ ଛାତ୍ରୀଛାତ୍ର ନିଜ ଦକ୍ଷତା ପ୍ରଦର୍ଶନ କରିଥିବା ପରୀକ୍ଷା ନିୟନ୍ତ୍ରକ ଡ. ପଣ୍ଡା କହିଛନ୍ତି। ୯.୭୭ ସିଜିପିଏ ମାର୍କ ରଖି ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ର ଚିନ୍ମୟ ଚନ୍ଦ୍ରଶେଖର ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇଛନ୍ତି। ବିଜ୍ଞାନ ବିଭାଗର ୮ଟି ବିଷୟରେ ମୋଟ ୧୮୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୧୬ ଜଣ ପ୍ରଥମଶ୍ରେଣୀ ଡିଷ୍ଟିକଶନ୍‌ରେ ପାସ୍ କରିଛନ୍ତି। ୫୬ ଜଣ ପ୍ରଥମ ଶ୍ରେଣୀରେ ଏବଂ ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମୁଦାୟ ୧୭୮ ଜଣ ପାସ୍ କରିଥିବାବେଳେ ୧୧ ଜଣ ଫେଲ୍ ହୋଇଛନ୍ତି। ଫଳରେ ବିଜ୍ଞାନ ବିଭାଗରେ ପାସ୍ ହାର ୯୪.୨ ପ୍ରତିଶତ ରହିଛି। ବାଣିଜ୍ୟ ବିଭାଗର ୨୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୬୦ ଜଣ ପ୍ରଥମଶ୍ରେଣୀରେ ଡିଷ୍ଟିକଶନ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୭ ଜଣ ପ୍ରଥମ ଶ୍ରେଣୀରେ ଏବଂ ୮ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ବାଣିଜ୍ୟ ବିଭାଗରେ ମୋଟ ୨୨୫ ଜଣ ପାସ୍ କରିଥିବାବେଳେ ୧୪ ଜଣ ଫେଲ୍ ହୋଇଛନ୍ତି। ଏହି ବିଭାଗର ପାସହାର ୯୪.୧ ପ୍ରତିଶତ ରହିଛି। ନୃତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ରୀ ରୋଶନି ତ୍ରିପାଠୀ ୯.୭୩ ସିଜିପିଏ ମାର୍କ ସହ କଳା ବିଭାଗର ଟପ୍ପର ହୋଇଛନ୍ତି। କଳା ବିଭାଗରେ ୧୪ଟି ବିଷୟରେ ମୋଟ ୪୦୮ ଜଣ ପରୀକ୍ଷା ଦେଇଥିବାବେଳେ ୩୮୭ ଜଣ ପାସ୍ କରିଛନ୍ତି ଏବଂ ୨୧ ଜଣ ଫେଲ୍ ହୋଇଛନ୍ତି। ଏହିକ୍ରମରେ ବିଭାଗର ପାସ୍ ହାର ୯୪.୯ ପ୍ରତିଶତ ରହିଛି। ବିଭାଗର ୨୨୫ ଜଣ ପ୍ରଥମଶ୍ରେଣୀରେ ଡିଷ୍ଟିଙ୍କଶନ୍ ସହ ପାସ୍ କରିଛନ୍ତି। ୧୨୬ ଜଣ ପ୍ରଥମ ଶ୍ରେଣୀରେ ଏବଂ ୩୬ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଆକାଉଣ୍ଟିଂ ବିଭାଗର ଛାତ୍ରୀ ଆଦ୍ୟାଶା ନନ୍ଦିନୀ ୯.୩ ସିଜିପିଏ ରଖି ବାଣିଜ୍ୟ ବିଭାଗର ଟପ୍ପର ହୋଇଛନ୍ତି। ପରୀକ୍ଷାଫଳ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପପରୀକ୍ଷା ନିୟନ୍ତ୍ରକ ଡ. ଲିପସା ମିଶ୍ର, ଡ. ମାନସ ରଞ୍ଜନ ଭୂୟାଁ, ଡ. ସ୍ମୃତି ରଞ୍ଜନ ସାହୁ, ସାମ୍ବାଦିକତା ବିଭାଗ ମୁଖ୍ୟ ଡ. ନଳିନୀ କୁମାର ପାତ୍ର, ସହଯୋଗୀ ପଦ୍ମଲୋଚନ ମୁଖୀ, ନିରଞ୍ଜନ ପଣ୍ଡା, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଇଇଟି ମେଧାବୀଙ୍କ ମୁହଁରୁ

# ଦୃଢ଼ ଆତ୍ମବିଶ୍ୱାସରୁ ସଫଳତା

**ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା):** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ଏନ୍‌ଇଇଟି(ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା)–୨୦୨୩ ୟୁଜିର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତବର୍ଷ ଓଡ଼ିଶାରୁ ୫,୭୯୭ ଜଣ ପଞ୍ଜିକରଣ କରିଥିବାବେଳେ ୫,୭୧୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩,୧୪୦ଜଣ ର୍‍ୟାଙ୍କ ପାଇଛନ୍ତି। ତେବେ ସର୍ବଭାରତୀୟସ୍ତରରେ ପ୍ରକାଶ ପାଇଥିବା ଶ୍ରେଷ୍ଠ ୫୦ ଜଣଙ୍କ ତାଲିକାରେ ଓଡ଼ିଶାରୁ ୨ ଜଣଙ୍କ ନାମ ରହିଛି। ସ୍ୱୟଂମ ଶକ୍ତି ତ୍ରିପାଠୀ ଓ ସୂର୍ଯ୍ୟ ପ୍ରତାପ ମିଶ୍ର ଉଭୟ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ଅଟନ୍ତି। ତେବେ ଉଭୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବାବେଳେ ନିଜ ନିଜର ସଫଳତାର ରହସ୍ୟ ଜଣାଇଛନ୍ତି।

### ଦିଲ୍ଲୀ ଏମ୍‌ସରେ ଅଧ୍ୟୟନ କରିବା ପାଇଁ ଲକ୍ଷ୍ୟ

ଆଶାନୁରୂପକ ଫଳ ମିଳିଛି। ଏନ୍‌ଇଇଟିରେ ରାଜ୍ୟ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ମୁଁ ବିଳମ୍ବିତ ରାତିରେ ଯାଏ ପଢ଼ିବାକୁ ପସନ୍ଦ କରେ ନାହିଁ। ତଥାପି ମୁଁ ପ୍ରତିଦିନ ପାଖାପାଖି ୧୨ରୁ ୧୩ଘଣ୍ଟା ଅଧ୍ୟୟନ କରୁଥିଲି। ବିଶେଷକରି ଏନ୍‌ସିଆରଟି ପାଠ୍ୟକ୍ରମ ପାଇଁ ବେଶି ସମୟ ଦେଉଥିଲି। ଏନ୍‌ଇଇଟି ପରୀକ୍ଷା ପାଇଁ ପ୍ରସ୍ତୁତିରେ ପରିବାରର ସହଯୋଗ ବିଶେଷଭାବେ ରହିଥିଲା। ଏହାସହ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଶିକ୍ଷକମାନଙ୍କ ସହଯୋଗ, ମାତାପିତାଙ୍କ ପ୍ରେରଣା ଏବଂ ଆକାଶ ଇନଷ୍ଟିଚ୍ୟୁଟ୍‌ରେ କୋଚିଂ ମୋତେ ଏହି ସଫଳତାରେ ବିଶେଷ ସାହାଯ୍ୟ କରିଥିଲା। ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ମୋର ସଫଳତାର ସୂତ୍ର। କେବଳ ଯେ ମୁଁ ପାଠପଢ଼ାରେ ସମୟ ଦିଏ ସେକଥା ନୁହେଁ ଖେଳାଖେଳି ମୋତେ ଭଲ ଲାଗେ।ଭବିଷ୍ୟତରେ ଜଣେ ଡାକ୍ତର ହେବାର ସ୍ୱପ୍ନକୁ ଏନ୍‌ଇଇଟିର ଏହି ଫଳାଫଳ ନିଶ୍ଚିତ କରାଇଛି। ମୁଁ ଦିଲ୍ଲୀ ଏମ୍‌ସରେ ଅଧ୍ୟୟନ କରିବା ପାଇଁ ଲକ୍ଷ୍ୟ ରଖିଛି। ଜଣେ ଡାକ୍ତର ହୋଇପାରିଲେ ଜନସେବାର ଦ୍ୱାର ଖୋଲିଯିବ।

**ସ୍ୱୟଂମ ଶକ୍ତି ତ୍ରିପାଠୀ, ଏନ୍‌ଇଇଟି (ର୍‍ୟାଙ୍କ–୮)**

### ଡାକ୍ତର ହୋଇ ଜନସେବା କରିବି

ଏନ୍‌ଇଇଟିରେ ସର୍ବଭାରତୀୟ ସ୍ତରରେ ୩୫ ର୍‍ୟାଙ୍କ ରହିଥିବାରୁ ମୁଁ ବହୁତ ଖୁସି। ଅଧିକ ସମୟ ପରିଶ୍ରମ ନ କରି ମୁଁ କମ୍ ସମୟରେ ଅଧିକ ପଢୁଥିଲି। ତଥାପି ମୁଁ ପ୍ରତିଦିନ ପାଖାପାଖି ୮ ଘଣ୍ଟା ଅଧ୍ୟୟନ କରୁଥିଲି। ବିଶେଷକରି ଏନ୍‌ସିଆରଟି ପାଠ୍ୟକ୍ରମ ଉପରେ ବେଶୀ ଧ୍ୟାନ ଦେଉଥିଲି। ମୋର ବାପା ଜଣେ ଡାକ୍ତର, ତେଣୁ ସେ ମୋର ପ୍ରେରଣା ଅଟନ୍ତି। ଏହାସହ ଆକାଶ ଇନ୍‌ଷ୍ଟିଚ୍ୟୁଟରେ କୋଚିଂ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଶିକ୍ଷକମାନଙ୍କ ସହଯୋଗ ମତେ ଏହି ସଫଳତାରେ ବିଶେଷ ସାହାଯ୍ୟ କରିଥିଲା। ଭଗବାନଙ୍କ ଉପରେ ଭରସା ଏବଂ କଠିନ ପରିଶ୍ରମ ହିଁ ମୋ ସଫଳତାର ସୂତ୍ର। ପାଠପଢ଼ାକୁ ଗୁରୁତ୍ୱ ଦେଇ ପିଲାମାନେ ନିଜର ପ୍ରବୃତ୍ତି ଭୁଲିଯାଆନ୍ତି। ସେପରି କରିବା ଉଚିତ୍ ନୁହେଁ। ଖାଲି ସମୟରେ ମୁଁ ଚେସ୍, ବ୍ୟାଡମିଣ୍ଟନ ଖେଳିବା ଏବଂ ପିଆନୋ ବଜାଇବା ପାଇଁ ଭଲ ଲାଗେ। ତେବେ ମୁଁ ଦିଲ୍ଲୀ ଏମ୍‌ସରେ ଅଧ୍ୟୟନ କରିବା ପାଇଁ ଲକ୍ଷ୍ୟ ରଖିଛି। ମୋର ପିତା ମାତାଙ୍କର ଇଚ୍ଛା ମୁଁ ଜଣେ ଡାକ୍ତର ହୋଇ ଜନସେବା କରିବି। ସେ ଇଚ୍ଛା ମୁଁ ନିଶ୍ଚୟ ପୂରଣ କରିବି।

**ସୂର୍ଯ୍ୟ ପ୍ରତାପ ମିଶ୍ର, ଏନ୍‌ଇଇଟି (ର୍‍ୟାଙ୍କ–୩୫)**

# ୧୦ ପ୍ରଫେସରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

- ୫ଜଣଙ୍କୁ ଓଡ଼ିଶା ଉଦ୍ୟାନ ପୁରସ୍କାର
- ଓୟୁଏଟିରେ ଅନ୍ତର୍ଜାତୀୟ ହର୍ଟିକଲଚର ସୋସାଇଟି ସଭା



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)**

ଓଡ଼ିଶା ହର୍ଟିକଲଚର୍ ସୋସାଇଟି ପକ୍ଷରୁ ଗତ ଜାନୁୟାରୀ ୨୧ ଓ ୨୨ରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ସମାବେଶର ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୃଷି ମହାବିଦ୍ୟାଳୟର ରାମିଆ କକ୍ଷରେ ଆୟୋଜିତ ଏହି ସଭାରେ ପୁଷ୍ପ ଓ ଭୂପୃଷ୍ଠ ଦୃଶ୍ୟ ଉଦ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ତଥା ଓଡ଼ିଶା ହର୍ଟିକଲଚର୍ ସୋସାଇଟିର ସେକ୍ରେଟାରୀ ଡ. ଶଶୀକଳା ବେଉରା ସ୍ୱାଗତ ଭାଷଣ ଦେଇଥିଲେ। ପରେ ସୋଆ କୃଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରେମାନନ୍ଦ ମହାପାତ୍ର ଏବଂ ଓଡ଼ିଶା ଉଦ୍ୟାନ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ସବ୍ୟସାଚୀ ରଥ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ହର୍ଟିକଲଚର୍ ସୋସାଇଟି ସଭାପତି ଡ. ତ୍ରିନାଥ ମହାରଣା କହିଥିଲେ, ୧୯୬୬ ମସିହାରୁ ଏହି ସୋସାଇଟି ଗଠିତ ହୋଇ ଅଦ୍ୟାବଧି ଉଦ୍ୟାନ କୃଷିକ୍ଷେତ୍ରରେ ଉନ୍ନତି ଆଣିବା ଦିଗରେ ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ସୋସାଇଟି ତରଫରୁ ଆୟୋଜିତ ସେମିନାରର ବିଭିନ୍ନ ବିଭାଗରେ ଭାଗନେଇ ସଫଳ ହୋଇଥିବା କୃତୀ ଶିକ୍ଷକ, ଅଧ୍ୟାପକ, ବୈଜ୍ଞାନିକ, ସମ୍ପ୍ରସାରଣ ଅଧିକାରୀ, ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଛି। କୃଷି ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ୧୦ଜଣ ବରିଷ୍ଠ ପ୍ରଫେସରଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୫ଜଣଙ୍କୁ ଓଡ଼ିଶା ଉଦ୍ୟାନ ପୁରସ୍କାର ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଶିକ୍ଷକ, ବୈଜ୍ଞାନିକ, ଗବେଷକ, ସମ୍ପ୍ରସାରଣ ଅଧିକାରୀ, ଯୁବ ଅଧ୍ୟାପକ, କୃଷକ, ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସୋସାଇଟିର ଉପସଭାପତି ଡ. ତୁଷାରକାନ୍ତି ଦାସ, ଏବଂ କୋଷାଧ୍ୟକ୍ଷ ଡ. ଯତୀନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡ. ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଓୟୁଏଟିର ପୂର୍ବତନ କୁଳପତି ତଥା ସୋଆ କୁଳାଧିପତି ଉଦ୍ୟାନବିତ ସ୍ୱର୍ଗତ ଦେବୀପ୍ରସାଦ ରାୟଙ୍କ ପାଇଁ ଲାଇଫ ଟାଇମ ପୁରସ୍କାର ତାଙ୍କ ସହଧର୍ମିଣୀ ଜ୍ୟୋସ୍ନା ପଟ୍ଟନାୟକ ଗ୍ରହଣ କରିଥିବା ବୈଜ୍ଞାନିକ ଦେବପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।

### ପୋଖରୀପୁଟ ୟୁପିଏଚ୍‌ସିକୁ ଏନ୍‌କ୍ୟୁଏଏସ୍ ସାର୍ଟିଫିକେଟ

**ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମସ୍ଥିତ ପୋଖରୀପୁଟ ୟୁପିଏଚ୍‌ସିକୁ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏଏସ୍) ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏଠାରେ ଉନ୍ନତ ସୁବିଧା ସହ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରାଯାଉଥିବାରୁ ଏହି ସାର୍ଟିଫିକେଟ ମିଳିଛି। ସରକାରୀ ଡାକ୍ତରଖାନାଗୁଡିକର ବିଶ୍ୱସନୀୟତାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୨୦୧୩ରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପୋଖରୀପୁଟ ୟୁପିଏଚ୍‌ସିକୁ ସାର୍ଟିଫିକେଟ ମିଳିଥିବା ନେଇ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

### ସହରରେ ମାତିଛନ୍ତି ଲୁଟେରା: ସତର୍କ କଲେ ଡିସିପି

**ଭୁବନେଶ୍ୱର,୧୩।୬(ସୂର୍ଯ୍ୟକାନ୍ତ ବେହେରା):** ରଜ ପାଇଁ ଭୁବନେଶ୍ୱର ଚଳଚଞ୍ଚଳ ହୋଇଉଠିଛି। ଭିଡର ସୁଯୋଗ ନେଇ ଏବେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଛନ୍ତି। ଦୋକାନୀ ଓ ଗ୍ରାହକ ଏହାର ଶିକାର ହେଉଛନ୍ତି। ଗତ ୫ଦିନ ମଧ୍ୟରେ ବିଭିନ୍ନ ଥାନାରେ ୧୫ ଅଭିଯୋଗ ହୋଇଛି। ତେଣୁ ଗହଳି ଏବଂ କିଣାକିଣି ବେଳେ ଲୁଟେରାଙ୍କଠାରୁ ବର୍ତ୍ତିବା ପାଇଁ କମିଶନରେଟ ପୋଲିସ ସର୍ତକ କରାଇଛି। ଆଗକୁ ରଥଯାତ୍ରା ଥିବାରୁ ଲୁଟେରାମାନେ ସକ୍ରିୟ ରହିବେ। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା ସକାଶେ ମଙ୍ଗଳବାର ଟ୍ରାଫିକ ଥାନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଥାନାର ଥାନାଧିକାରୀ, ଜୋନାଲ ଏସିପି ଓ ଅତିରିକ୍ତ ଡିସିପିଙ୍କୁ ନେଇ ଡିସିପି ପ୍ରତୀକ ସିଂ କ୍ରାଇମ ରିଭ୍ୟୁ କରିଥିଲେ। ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ସିଂ କହିଥିଲେ।


ଭୁବନେଶ୍ୱରସ୍ଥିତ କେଦାରଗୌରୀ ମନ୍ଦିରରେ ମଙ୍ଗଳବାର କେଦାରକୁଣ୍ଡ ଜଳ ନିଷ୍କାସନ ନେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ବିବେକାନନ୍ଦ ମିଶନ ଟ୍ରଷ୍ଟ ଗୃହ ଉଦ୍‌ଘାଟିତ

**ବାଲିପାଟଣା,୧୩।୬ (ଅଭିମନ୍ୟୁ ନାୟକ):** ଦୁରନ୍ତିରାଠାରେ ବିବେକାନନ୍ଦ ଇଣ୍ଟିଗ୍ରାଲ ମିଶନ ଟ୍ରଷ୍ଟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବୁଲ୍‌ବୁଲ୍ ବେହେରା, ବିଇଓ ଶୈଳାଧିରାଜ ତନୟା ଶତପଥୀ, ଆରକ୍ଷୀ ଅଧିକାରୀ ଲଳିତେନ୍ଦୁ ମହାନ୍ତି, ପୃଷ୍ଠପୋଷକ ଅରୁଣ କୁମାର ଶତପଥୀ ଓ ଜଗନ୍ନାଥ ମହାନ୍ତି ଉପସ୍ଥିତ ଥିଲେ। ଅଲେଖ ଶତପଥୀ ଓ ହେମଲତା ଶତପଥୀ ଫିତା କାଟି ଗୃହ ପ୍ରବେଶ କରାଇଥିଲେ। ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂଟିଆ, ସଂଗ୍ରାମ କେଶରୀ ଦାସ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବିବେକାନନ୍ଦ ମିଶନ ଟ୍ରଷ୍ଟ ପକ୍ଷରୁ ସମସ୍ତ ଅତିଥିଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା।

# କଲ୍ୟାଣପୁର ବାଲିଘାଟରେ ଚଢ଼ାଉ

**ବାରଙ୍ଗ,୧୩।୬(ଲିଙ୍ଗରାଜ ରାଉତ)**

କଲ୍ୟାଣପୁର ଗାଁ ନଦୀତଟରୁ ବେଆଇନ ବାଲିଉଠା ଚାଲିଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏନେଇ ଅଞ୍ଚଳବାସୀ କଲ୍ୟାଣପୁର ଆରଆଇଙ୍କୁ ଜଣାଇଥିଲେ। ଭୁବନେଶ୍ୱର ତହସିଲଦାର ଟିମ୍ ସହ ପହଞ୍ଚି ଚଢ଼ାଉ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ତହସିଲଦାର ମାନସ ସ୍ୱାଇଁଙ୍କ ନେତୃତ୍ୱରେ ସୁପରଭାଇଜର ଜଗନ୍ନାଥ ମହାରଣା, ରାଜସ୍ୱ ଅଧିକାରୀ ସୂର୍ଯ୍ୟକାନ୍ତ ମାର୍ଥା, ସୌଭାଗ୍ୟ ଶତପଥୀଙ୍କୁ ନେଇ ଗଠିତ ଟିମ୍ ମଙ୍ଗଳବାର ବାଲିଘାଟରେ ଚଢ଼ାଉ କରିଥିଲେ। ବାଲି ଉଠାଉଥିବା ଏକ ଜେସିବି, ୩ ଟ୍ରାକ୍ଟରକୁ ଟିମ୍ ଜବତ କରିଥିଲା। ତେବେ ପ୍ରଭାତ ସ୍ୱାଇଁ ୨ ସହଯୋଗୀଙ୍କ ସହ ଆସି ତହସିଲଦାରଙ୍କ ଗାଡ଼ି ଆଗରେ ବାଇକ ରଖି ଯୁକ୍ତିତର୍କ କରିବା ସହ ଜେସିବିକୁ ନେଇ ଖସି ପଳାଇଥିଲେ। ପ୍ରଭାତ ତହସିଲଦାରଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଆର୍‌ଆଇ ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି।

# ମ୍ୟାନେଜର, ବାଉନ୍ସରଙ୍କ ସମେତ ୧୦ ଗିରଫ

## ବାର୍‌ରେ ଗଣ୍ଡଗୋଳ, ଆକ୍ରମଣ ଘଟଣା

- ଲାଠି, ଷ୍ଟମ୍ପ ଜବତ: ମୁଖ୍ୟ ଅଭିଯୁକ୍ତ ଫେରାର
- ଆକ୍ରମଣକାରୀଙ୍କ ବିରୋଧରେ ପାଲଟା ଏତଲା

**ଭୁବନେଶ୍ୱର,୧୩।୬ (ସୂର୍ଯ୍ୟକାନ୍ତ ବେହେରା)**



ବାର୍‌ରେ ଗଣ୍ଡଗୋଳ ସହ ଯୁବତୀଙ୍କୁ ସ୍ୱାର୍କଲ ବନ୍ଧୁକ ଦେଖାଇ ଦୁର୍ବ୍ୟବହାର କରିବା ଓ ତାଙ୍କ ପୁରୁଷବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଚନ୍ଦ୍ରଶେଖରପୁର ପୋଲିସ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ସମ୍ପୃକ୍ତ ଥିବା ବାର୍ ମ୍ୟାନେଜର ଓ ବାଉନ୍ସରଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚିକୁନ ପାତ୍ର, ସମୀର କୁମାର ଦାସ, ଏସ୍.କେ.ନାଉଜୁଲ, ଭାଗୀରଥି ବାରିକ, ବିଭୂତି ଭୂଷଣ ଜେନା, ରାକେଶ ବେହେରା, ବିବେକ ମଲ୍ଲିକ, ରାକେଶ ମଲ୍ଲିକ, ସଞ୍ଜୟ ନାୟକ, ଗୁଲୁ ପ୍ରଧାନ। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ବ୍ୟବହୃତ ଲାଠି ଓ ଷ୍ଟମ୍ପକୁ ପୋଲିସ ଜବତ କରିଛି। ଅପରପକ୍ଷେ ଯୁବତୀଙ୍କୁ ଦୁର୍ବ୍ୟବହାର କରିଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

ସୂଚନାନୁଯାୟୀ, ରବିବାର ରାତିରେ ଜଣେ ଯୁବତୀ ତାଙ୍କର କେତେଜଣ ବାନ୍ଧବୀଙ୍କ ସହିତ କ୍ଲବ ଭେନମକୁ ଯାଇଥିଲେ। ସେଠାରେ ରାଜ୍ ଓ ସଞ୍ଜୟ ନାମକ ଦୁଇଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଏକ ସ୍ୱାର୍କଲ ବନ୍ଧୁକ ଦେଖାଇ ଦୁର୍ବ୍ୟବହାର କରିଥିଲେ। ଏନେଇ କ୍ଲବ କର୍ତ୍ତୃପକ୍ଷଙ୍କୁ ଯୁବତୀ ଜଣାଇଥିଲେ ମଧ ସେ କୌଣସି ପଦକ୍ଷେପ ନେଇ ନ ଥିଲେ। ତେଣୁ ଯୁବତୀ ତାଙ୍କ ସାଙ୍ଗ ନିତେଶ ବାରିକଙ୍କୁ ଡାକିଥିଲେ। ନିତେଶ ତାଙ୍କର କେତେଜଣ ସହଯୋଗୀଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସଞ୍ଜୟ ପାଖରେ ଥିବା ମିଡଲ୍‌ଟନ ବାର୍ ଭିତରକୁ ଯାଉଥିବା ଦେଖିଥିଲେ। ଫଳରେ ଯୁବତୀଙ୍କ ବନ୍ଧୁମାନେ ଘଟଣା ମିଡଲ୍‌ଟନ ବାର୍‌ରେ ହେଉଥିବା ଅନୁମାନ କରି ସେଠାକୁ ଯାଇ କର୍ମଚାରୀ ସମୀର ଓ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ସମୀର ତାଙ୍କ ସହଯୋଗୀଙ୍କୁ ଡକାଇଥିଲେ। ଏହା ଦେଖି ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ନିତେଶଙ୍କୁ ଅଭିଯୁକ୍ତମାନେ ଲାଠି ଓ କ୍ରିକେଟ ଷ୍ଟମ୍ପରେ ଆକ୍ରମଣ କରିଥିଲେ। ଏଥିରେ ନିତେଶ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ନିତେଶ ଓ ତାଙ୍କ ସହଯୋଗୀଙ୍କ ନାମରେ ବାର୍ ପକ୍ଷରୁ ଥାନାରେ ଅଭିଯୋଗ ପରେ ଆଉ ଏକ ମାମଲା ରୁଜୁ ହୋଇଛି।

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

## ଚିକିତ୍ସାରେ ଅବହେଳା ଅଭିଯୋଗ

**ବାରଙ୍ଗ,୧୩।୬(ଲିଙ୍ଗରାଜ ରାଉତ)**



କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରୁଛନ୍ତି।

ଚିକିତ୍ସା ଅବହେଳା ଓ ପରିବାରକୁ କୌଣସି ସୂଚନା ନ ଦେବା ଅଭିଯୋଗରେ ପରିବାର ଲୋକ, ଗ୍ରାମବାସୀ ଅନିଲ ସାହୁଙ୍କ ମୃତଦେହକୁ ରାସ୍ତାରେ ରଖି କ୍ଷତିପୂରଣ ଦାବିରେ ମଙ୍ଗଳବାର ଦୀର୍ଘ ୫ଘଣ୍ଟା ଅବରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଲୋକେ ଶୁଣି ନ ଥିଲେ। ଜଟଣୀ ବିଧାୟକ ଓ ପୂର୍ବତନ ବିଧାୟକ ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ବାବଦରେ ଡାକ୍ତରଖାନା ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ମୁତାବକ, କୁଜିମହଲ ଗ୍ରାମର ଅନିଲ ସାହୁଙ୍କ ପେଟରେ ଗତ ୭ତାରିଖ ରାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ କଣ୍ଟାବାଡ଼ ନିକଟ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଅନିଲଙ୍କ ଥିବା ସ୍ୱାସ୍ଥ୍ୟବୀମା କାର୍ଡ ସାହାଯ୍ୟରେ ଚିକିତ୍ସା ଚାଲିଥିଲା। ଗତ ୨ଦିନ ତଳେ ଅଧିକ ପରୀକ୍ଷା ଆବଶ୍ୟକତା ଥିବା ଦର୍ଶାଯାଇ ଅନିଲଙ୍କୁ ଶହୀଦ ନଗରରେ ଥିବା ଉକ୍ତ ମେଡିକାଲର ଅନ୍ୟ ଏକ ଶାଖାକୁ ନିଆଯାଇଥିଲା। ସେଠାରେ ପରୀକ୍ଷା ପରେ ପୁନର୍ବାର କଣ୍ଟାବାଡ଼ସ୍ଥିତ ମେଡିକାଲକୁ ଅନିଲଙ୍କୁ ଅଣାଯାଇ ଆଇସିୟୁରେ ରଖାଯାଇଥିଲା। ସ୍ୱାସ୍ଥ୍ୟବୀମା କାର୍ଡ ମାଧ୍ୟମରେ ୧ଲକ୍ଷ ୮୦ହଜାରେ ଟଙ୍କା ଖର୍ଚ୍ଚ ହୋଇଯାଇଥିବାବେଳେ ପୁନର୍ବାର ମେଡିକାଲ ପକ୍ଷରୁ ଟଙ୍କା ପୈଠ ପାଇଁ କୁହାଯାଇଥିଲା। ଆଇସିୟୁରେ ଅନିଲଙ୍କୁ ଦେଖିବାକୁ ପରିବାର ଲୋକଙ୍କୁ ଅନୁମତି ମିଳି ନ ଥିଲା। ଜବରଦସ୍ତ ପରିବାର ସଦସ୍ୟ ମଙ୍ଗଳବାର ଆଇସିୟୁକୁ ଯିବାରୁ ଅନିଲଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ମୃତକଙ୍କ ପରିବାର ଓ ସମ୍ପର୍କୀୟ ଭାଇ ଗୌରାଙ୍ଗ ବେହେରା ଅଭିଯୋଗ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ମୃତକଙ୍କ ପ୍ରତି ଅବହେଳା କରିଥିବା ମେଡିକାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଗ୍ରାମବାସୀ ମେଡିକାଲରୁ ମୃତଦେହ ଆଣି ଚନ୍ଦକା– ପିତାପଲ୍ଲୀ ରାସ୍ତାକୁ ଅବରୋଧ କରିଥିଲେ। ଚନ୍ଦକା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଗ୍ରାମବାସୀ ପୋଲିସ କଥା ଶୁଣି ନ ଥିଲେ। ଫଳରେ ସେଠାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ଜଟଣୀ ବିଧାୟକ ସୁରେଶ ରାଉତରାୟ ଓ ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ।

## ସଂକ୍ଷେପରେ

### ୨୦ ଲକ୍ଷର ସୁନାଗହଣା ଚୋରି: ୨ ଗିରଫ

ନିମାପଡ଼ା,୧୩।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ତେରୁଣ୍ଡିଆ ପଞ୍ଚାୟତ ରାଜରାଣି ଗ୍ରାମର ଜଣଙ୍କ ଘରୁ ସୁନା ଗହଣା ଚୋରି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ତେରୁଣ୍ଡିଆ ଭୋଇ ସାହି ଗ୍ରାମର କୁନିଆ ଭୋଇ (୪୦) ଓ କୋଣାର୍କ ଥାନା ଅଧୀନ ରାହୁଲପାଟଣା ଗ୍ରାମର କାଳନ୍ଦୀ କାଣ୍ଡି(୪୯)। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କ ପାଖରୁ ହଳେ ସୁନା ଚୁଡ଼ି, ହଳେ ସୁନା କାନଫୁଲ, ଗୋଟିଏ ମୋବାଇଲ ଜବତ କରିଛି। ଦୁହେଁ ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ସୂଚନା ମୁତାବକ, ଗତ ମାସ ୧୪ ତାରିଖରେ ସନ୍ତୋଷ ପ୍ରଧାନଙ୍କ ପରିବାର ବର୍ଗ ରାତିରେ ଶୋଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ଘର ଦାଣ୍ଡ କବାଟ ଭାଙ୍ଗି, ଡ୍ରେସିଂ ଟେବୁଲ ଡ୍ର ଭାଙ୍ଗି ୩ ସୁନା ନେକଲେସ୍, ୩ ହଳ କାନଫୁଲ, ୩ହଳ ସୁନା ଚୁଡ଼ି, ୨ ହଳ କାନ ଝରା ସମେତ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି କରିଥିଲେ। ଏନେଇ ସନ୍ତୋଷ ପରଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିରେ ୧୫୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ପୁରୀର ସାଇଣ୍ଟିଫିକ୍ ଟିମ୍ ମଧ ତଦନ୍ତ କରିଥିଲା। ଆଇଆଇସି ଶଙ୍କର୍ଷଣ ଦଳାଇଙ୍କ ନିର୍ଦ୍ଦେଶରେ ଏସ୍ଆଇ ତଅପୋଇ ନାୟକ, ଏଏସ୍ଆଇ ଶିଶିର ମହାନ୍ତିଙ୍କୁ ନେଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବିଶେଷ ସୂତ୍ରରୁ ଖବରପାଇ ମଙ୍ଗଳବାର ଧୀରପୁର ଛକରେ ଚଢ଼ାଉ କରି ଦୁହିଁଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଅପରାଧ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଚାକିରି ଦେବା ନାଁରେ ମହିଳାଙ୍କଠୁ ଅଢ଼େଇ ଲକ୍ଷ ଠକେଇ

ନିମାପଡ଼ା,୧୩।୬(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଥାନା ଅଧୀନ ଦହିଜଙ୍ଗ ଗ୍ରାମର ଜ୍ୟୋସ୍ନାରାଣୀ ନାୟକଙ୍କଠାରୁ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟକ୍ତି ଅଢ଼େଇ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ଦଫା ୪୨୦, ୨୯୪, ୫୦୬, ୩୪ରେ କେସ୍‌ନଂ. ୧୯୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ଦନ୍ତ ଚଳାଇଛି। ଭୁବନେଶ୍ୱର ରାଜ୍ୟ ହସ୍ତଶିଳ୍ପ ନିଗମରେ ଚାକିରି କରାଇ ଦେବାକୁ କହି ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ଭୁବନେଶ୍ୱର ଅଞ୍ଚଳର ବିଜନ ମିଶ୍ର ୨ ବର୍ଷ ତଳେ ଅଢ଼େଇ ଲକ୍ଷ ଟଙ୍କା ନେଇଥିଲେ। ଚାକିରି ନ ହେବାରୁ ଜ୍ୟୋସ୍ନାରାଣୀ ଟଙ୍କା ଫେରସ୍ତ କରିବାକୁ ବିଜନଙ୍କୁ କହିଥିଲେ। ହେଲେ ବିଜନ ଟଙ୍କା ଫେରସ୍ତ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରି ଜ୍ୟୋସ୍ନାରାଣୀଙ୍କୁ ଟଙ୍କା ଫେରସ୍ତ ନ କରି ଓଲଟି ଖରାପ ଭାଷାରେ ଗାଳିଗୁଲଜ କରି ଫୋନରେ ବିଭିନ୍ନ ଧମକଚମକ ଦେଉଥିବା ଜ୍ୟୋସ୍ନାରାଣୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗତ କିଛି ଦିନ ତଳେ ବିଜନ ମିଶ୍ର ମହିଳାଙ୍କୁ ମାତ୍ର ୨୦ ହଜାର ଟଙ୍କା ଓ ୨ଟି ଚେକ୍ ଦେଇଥିଲେ। ଅବଶିଷ୍ଟ ଟଙ୍କା ପରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମହିଳା ଗତ ମାସ ୨୫ ତାରିଖରେ ଷ୍ଟେଟ ବ୍ୟାଙ୍କରେ ଚେକ୍ ଦେଖାଇବାରୁ ଚେକ୍‌ରେ ଜାଲିଆତି ହୋଇଥିବା ଜାଣିବାକୁ ପାଇଥିଲେ।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,୧୩।୬(ଭାରତୀ ଭୂଷଣ ଉପାଧ୍ୟାୟ)- ନୟାହାଟ ଫାଣ୍ଡି ନିକଟ ଯୋଗେଶ୍ୱରପୁର ସିନେମା ହଲ୍ ଛକ ନିକଟରୁ କୋଣାର୍କ ଅବକାରୀ ବିଭାଗ ଜଣେ ଯୁବକଙ୍କଠାରୁ ସାଢ଼େ ୯ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ସେ ହେଲେ ଅଜୟ ଭୋଇ(୪୮)। ଏନେଇ ପୋଲିସ ଅବକାରୀ ଆଇନ ୩୮/୨୩ରେ ଏକ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

# ସାମାନ୍ୟ ସୁସ୍ଥ ହୋଇ ଚକାବିଜେ ହେଲେ ମହାପ୍ରଭୁ

ପୁରୀ ଅଫିସ,୧୩।୬ (ଅଜିତ ମହାନ୍ତି)

ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅର୍ଥାତ୍ ମଙ୍ଗଳବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକା ବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହି ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଚିକିତ୍ସିତ ହେବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତି ଓ ପତି ମହାପାତ୍ର ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ, ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ଯାଏ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ତେବେ ମଙ୍ଗଳବାର ଦଶମୀ ତିଥିରେ ଅସୁସ୍ଥ ଥିବା ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ନିୟମ ଅନୁଯାୟୀ, ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଅଣସର ଗୃହ ଦ୍ୱାର ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ପରେ ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଳିଲାଗି ଏକାଦଶୀରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଗୃହରେ ଅସୁସ୍ଥ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ତେବେ ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ଦଶମୂଳ ମୋଦକ ପ୍ରସ୍ତୁତି ପରେ ଶ୍ରୀମନ୍ଦିରକୁ ବିଜେ



ପୁରୀ ଅଫିସ,୧୩।୬ (ଅଜିତ ମହାନ୍ତି)

ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମାରେ ୧୦୮ଗରାରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହିଛନ୍ତି। ମହାପ୍ରଭୁଙ୍କ ସେବକ ଦଇତାପତି ଏବଂ ପତି ମହାପାତ୍ର ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ମହାପ୍ରଭୁଙ୍କ ଅଣସରର କ୍ରମ ଅନୁସାରେ ଦଶମୀ ତିଥିରେ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗି ହେଲାପରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ପ୍ରସ୍ତୁତି କରି ଶ୍ରୀମନ୍ଦିକୁ ପ୍ରଦାନ କରିଛନ୍ତି। ଦଶମୂଳ ପ୍ରସ୍ତୁତ ପାଇଁ ଏକରୁ ଦେଢ଼ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପନି, କୃଷ୍ଣପନ୍ନ, ଅଗବଥୁ, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ଅନ୍ୟ ଦ୍ରବ୍ୟଗୁଡ଼ିକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟାହୋଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସକରା, ସର, ମହୁ, ଘିଅ ଇତ୍ୟାଦି ଦ୍ରବ୍ୟଗୁଡ଼ିକୁ ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀ ପତ୍ରରେ ରଖାଯାଇ ଥଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ କରାଯାଏ। ପରେ କୁଣ୍ଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଏହାକୁ ଶ୍ରୀମନ୍ଦିରରେ ଦାଖଲ କରାଯାଏ। ପରେ ପତିମାହାପାତ୍ର ଉକ୍ତ ମୋଦକକୁ ମହାପ୍ରଭୁଙ୍କ ନିକଟରେ ଲାଗି କରିଥାନ୍ତି। ଦଶମୂଳ ମୋଦକ ଲାଗି ପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାନ୍ତି। ଏ ସମ୍ପର୍କରେ ବୈଦ୍ୟ ସୁଧାଂଶୁ ପ୍ରସାଦ ମିଶ୍ର ବ୍ରହ୍ମା କହିଛନ୍ତି, ମହାପ୍ରଭୁ ଅଣସରରେ ଥିବାବେଳେ ଓଷ ଲାଗି ପରେ ସମ୍ପୂର୍ଣ୍ଣ ସୁସ୍ଥ ନହେବାରୁ ବୈଦ୍ୟମାନଙ୍କ ପକ୍ଷରୁ ଦଶମୀ ତିଥିରେ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କ ଲାଗି କରାଯାଇଥାଏ। ଏହାପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାନ୍ତି। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହେବା ପରେ ମୋଦକଗୁଡ଼ିକୁ ଶ୍ରୀମନ୍ଦିରକୁ ନିଆଯାଏ। ପରେ ପତି ମହାପାତ୍ର ଏବଂ ଦଇତାପତିମାନେ ଏହାକୁ ମହାପ୍ରଭୁଙ୍କୁ ଲାଗି କରିଥାନ୍ତି।

## ୩ ରଥର ବେଦିରେ ପଟାବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ



ପୁରୀ ଅଫିସ,୧୩।୬ (ଅଜିତ ମହାନ୍ତି)

**ରଥଖଳାରୁ ...**

ଶ୍ରୀନଅରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ତିନି ରଥର ପ୍ରାୟ ୮୦ % କାର୍ଯ୍ୟ ଶେଷ ହୋଇଛି। ବେଦି ନିର୍ମାଣ ନିମନ୍ତେ ତିନିରଥରେ ୫ଟି ଲେଖାଏ ଜଗତପୃଷ୍ଠ ଶେଣି ପଡିବା ସହ ତା'ର ଦୁଇ ପାର୍ଶ୍ୱରେ ୩ଟି ଲେଖାଏ 'ବାହୁଟ ଫାଳିଆ' ଫିଟିଂ ହୋଇଥିଲା। ମଙ୍ଗଳବାର ତିନିରଥରେ 'କନକମୁଣ୍ଡି' ସେଟିଂ ହୋଇଛି। ଏହି 'କନକମୁଣ୍ଡି' ତିନିରଥରେ ସଂସ୍ଥାପନ ପୂର୍ବରୁ ରଥର ପ୍ରଥମ ଭୂଇଁ ଚାରିନାହାକା ଚାରିପାର୍ଶ୍ୱରେ ୭/୧୨ ସାଇଜର ୪ଟି 'ଚୁନାଟ ପଟା' ବାଡ଼ିଆ ଯାଇ ପ୍ରତି ଚୁନାଟ ପଟାରେ ୫ଟି ଲେଖାଏ ବିନ୍ଧ ହୋଇ ସେହି ବିନ୍ଧରୁ ୨୦ଟି କାଣ୍ଡ ଲାଗି ହୋଇ କନକ ମୁଣ୍ଡିରେ ସଂଯୋଗ ହୋଇଛି। ଏଥିସହ ଚୁନାଟ ପଟା ସନ୍ନିକଟ ଚାରି ନାହାକାରୁ ମଧ ଗୋଟିଏ ଗୋଟିଏ କାଣ୍ଡ ଉଠି ମୋଟ ୨୪ଟି କାଣ୍ଡ କନକ ମୁଣ୍ଡିରେ ସଂଯୋଗ ହୋଇ କନକ ମୁଣ୍ଡି ତିନିରଥରେ ସଂସ୍ଥାପନ ହୋଇଛି। ତିନିରଥର ବେଦିରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନିରଥର ପାର୍ଶ୍ୱ କୋଣଗୁଡ଼ିକୁ ଛାଡ଼ି ରଥ ଉପରେ ପଟାବାଡ଼ିଆ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ବୁଧବାର ତିନିରଥର 'ଦୁଆର ବେଢ଼ା' ରଥକୁ ଉଠିଲା ପରେ ରଥ ଚାରିପାର୍ଶ୍ୱ କୋଣରେ ପଟାବାଡ଼ିଆ ଯିବ। ଏହି ପାର୍ଶ୍ୱ କୋଣ ଦେଇ ଭୋଇ ସେବକମାନେ ବାଉଁଶ ଦ୍ୱାରା ଠେସ ଦେଇ ଦୁଆର ବେଢ଼ାକୁ ରଥ ଉପରକୁ ଉଠାଇବାରେ ବ୍ୟବହାର କରନ୍ତି। ଏଥିସହ ତିନିରଥର ଘୋଡା ବନ୍ଧାଯିବା ପାଇଁ ୨୦ଫୁଟିଆ 'ଇଶ'ରେ ବିନ୍ଧ ହୋଇ ଦୁଇଟି ଲେଖାଏ 'ଗୁଣ୍ଡି' ସଂଯୋଗ ହୋଇଛି। ଏହି ଗୁଣ୍ଡିରେ ଘୋଡା ଜୁଆଳି ଫିଟିଙ୍ଗ କରାଯିବ। ରୂପକାର ସେବକମାନେ ତିନିରଥର ପ୍ରଭାରେ ରାହୁରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ତିନି ରଥର ବାହ୍ୟ ଅଂଶଗୁଡିକରେ ରଙ୍ଗ କାର୍ଯ୍ୟ ସହ ପାର୍ଶ୍ୱ ଦେବଦେବୀ, ସିଂହାସନ, ହଂସ ପଟା ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଧୂଳି ଦଣ୍ଡା, ପ୍ରଭା ବିଡ଼ିଆ କଣ୍ଟା ନିର୍ମାଣ କରୁଛନ୍ତି।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ସମର ଥିଏଟର ଫେଷ୍ଟିଭାଲ୍ ଉଦ୍‌ଘାଟନ ଅବସରରେ ନାଟକ 'ମାଇଁରେ ମେ କାସେ କହୁଁ'ର ଏକ ଦୃଶ୍ୟ ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ୬ ଦଫା ଦାବି

ପୁରୀ ଅଫିସ,୧୩।୬ (ଅଜିତ ମହାନ୍ତି)

୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ନେଇ ଜିଲାପାଳଙ୍କୁ ୬ ଦଫା ସମ୍ବଳିତ ଏକ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। କର୍ମଚାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୦୧୩ଠାରୁ ୧୦୮ ଆମ୍ବୁଲାନ୍ସରେ ନିଷ୍ଠାପୂର୍ଣ୍ଣ ଓ ନିଃସ୍ୱାର୍ଥପର ଭାବେ କାମ କରିଆସୁଛୁ। କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, କରୋନା ମହାମାରୀ ଓ ସାମୂହିକ ଦୁର୍ଘଟଣା ଏମିତି ବି ବାହାନଗା ଟ୍ରେନ ଦୁର୍ଘଟଣା ପରି ପରିସ୍ଥିତିରେ ବି ରୋଗୀଙ୍କୁ ଠିକ୍ ସେବା ଦେଇ ଆସୁଛୁ। ହେଲେ ଦୁଃଖର କଥା ସରକାରଙ୍କ ଆମ ପ୍ରତି ଦୃଷ୍ଟି ଦେଉନାହାନ୍ତି। ପ୍ରଶାସନ ସମସ୍ତ କର୍ମଚାରୀଙ୍କ ଉପରେ ଦୃଷ୍ଟି ଦେଉଥିବା ବେଳେ ଆମ ପ୍ରତି ଅଣଦେଖା କରିଛନ୍ତି। ତେଣୁ ତାଙ୍କର ୬ଦଫା ଦାବିକୁ ପୂରଣ କରାଯାଉ। ଦାବିଗୁଡ଼ିକ ଯଥା କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯାଉ। ସ୍ୱତନ୍ତ୍ର ପ୍ୟାକେଜ, ୫ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମ୍‌ଟିଙ୍କୁ ୩୦ ହଜାର, ପାଇଲଟ ଓଟିଙ୍କୁ ୨୫ ହଜାର, ଆଟେଣ୍ଡାଣ୍ଟଙ୍କୁ ୨୦ହଜାର ଏବଂ ଆଡଭାନ୍ସ ଲାଇଫ୍ ସପୋର୍ଟ ଇଏମ୍‌ଟିଙ୍କୁ ୩୫ ହଜାର ଟଙ୍କା ଦିଆଯାଉ। ବାର୍ଷିକ ଦରମା ବୃଦ୍ଧି ନିଶ୍ଚିନ୍ତ କରାଯାଉ। ୧୦୮ ଆମ୍ବୁଲାନ୍ସ କାର୍ଯ୍ୟରତ କର୍ମଚାରୀ ଲୋକମାନଙ୍କ ଆକ୍ରମଣର ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡବିଧାନ ସହ ଦୋଷୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କୌଣସି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ସଙ୍ଘ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀମାନଙ୍କ ପାଇଁ ରହିବା ଓ ଶୌଚାଳୟର ବ୍ୟବସ୍ଥା କରାଯାଉ। ୧୦୮ ଆମ୍ବୁଲାନ୍ସ କର୍ମୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ଭାବେ ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ।

## ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

ପୁରୀ ଅଫିସ,୧୩।୬(ଅଜିତ ମହାନ୍ତି)

ରଥଯାତ୍ରା ନେଇ ମଙ୍ଗଳବାର ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରଥଯାତ୍ରା ସମୟରେ ଯାନବାହନ କିପରି ସୁଚାରୁ ରୂପରେ ଚଳାଚଳ କରିପାରିବ ସେନେଇ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଆଞ୍ଚଳିକ ପରିବହନ ତରଫରୁ ପୁରୀ ତାଳବଣିଆଠାରେ ବସ୍ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ତାଳବଣିଆଠାରୁ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରି ଅଟୋ ଗାଡ଼ି ବ୍ୟବସ୍ଥା କରାଯାଇଛି। ସେହିପରି ଯାତ୍ରା ସମୟରେ କିପରି ବସ୍ ଭଡ଼ା ନିୟନ୍ତ୍ରଣ ରହିବ ଓ ଯାତ୍ରୀମାନେ କିପରି ଠକାମିର ଶିକାର ନ ହେବେ ସେନେଇ ଏକ ଟିମ୍ ଗଠନ ହେବ। ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, ଜଏଣ୍ଟ କମିଶନର ସଞ୍ଜୟ ବିଶ୍ୱାଳ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ, ଏମ୍‌ବିଆଇ ବାମଦେବ ସାହୁ ଓ ପୁରୀ ସହରର ସମସ୍ତ ବସ୍ ମାଲିକ ସଂଘ ଉପସ୍ଥିତ ଥିଲେ।

## ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ ଅଫିସ,୧୩।୬(ଅଜିତ ମହାନ୍ତି)

**ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ବୈଠକ**

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତା ଭାବରେ ସମ୍ପନ୍ନ କରିବା ନେଇ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରସୋରରେ ହେଉଛି। ତେବେ ମଙ୍ଗଳବାର ପୋଲିସ ମହାନିର୍ଦ୍ଦେଶକ(ଡିଜି) ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରାଫିକ ପରିଚାଳନାଠାରୁ ଆରମ୍ଭ କରି ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଆଦି ବ୍ୟବସ୍ଥା ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏ ନେଇ ପୋଲିସ ମହାନିର୍ଦ୍ଦେଶକ ବଂଶଲ କହିଥିଲେ, ଆସନ୍ତା ୨୦ ତାରିଖରେ ଘୋଷଯାତ୍ରା ଅନୁଷ୍ଠିତ ହେବ। ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବା ପୋଲିସ ଏବଂ ପ୍ରଶାସନ ପାଇଁ ସର୍ବଦା ବଡ଼ ଚ୍ୟାଲେଞ୍ଜ ରହିଛି। ତେବେ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ରାଜ୍ୟର ଦକ୍ଷ ତଥା ଅନୁଭବ ଥିବା ପୋଲିସ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପାହ୍ୟାରେ ନିୟୋଜିତ କରାଯାଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ୧୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେମାନଙ୍କୁ ସୁପରଭାଇଜ କରିବା ପାଇଁ ଅଫିସର ନିଯୁକ୍ତି ରହିବେ। ଟ୍ରାଫିକ ବ୍ୟବସ୍ଥା ଉପରେ ଧାନ ଦିଆଯାଇଛି। ବଡ଼ଦାଣ୍ଡରେ ଥିବା ଲୋକଙ୍କ ଯାତାୟାତ ସୁବିଧା ଏବଂ ରଥ ଟଣା ସମୟରେ ଭକ୍ତମାନେ ଯେପରି ସମସ୍ୟା ନ ଭୋଗିବେ, ରଥଯାତ୍ରା ଯେପରି ସମ୍ପୂର୍ଣ୍ଣ ଭାବେ ସୁରୁଖୁରୁରେ ହେବ ସେନେଇ ବୈଠକରେ ଆଲୋଚନା ହେବା ସହ ସମସ୍ତ ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା। ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଦିଗକୁ ନେଇ ଆଲୋଚନା କରାଯାଇଥିଲା। ଯାହା ସବୁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ଆଲୋଚନା ହୋଇଛି। ଯୋଗାଯୋଗ, ଯାତାୟାତ, ଗାଡ଼ି ପାର୍କିଂ ସହ ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷର ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ବଂଶଲ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା, ଏଡିଜି ଅମିତାଭ ଠାକୁର, ଅମିତେନ୍ଦ୍ର ନାଥ ସିହ୍ନା, ସଞ୍ଜୟ କୁମାର, ଦୟାଲ ଗଙ୍ଗୱାରା, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂହ, ପୁରୀ ଏସ୍‌ପି କେ. ବିଶାଳ ସିଂହଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରଥଯାତ୍ରା ନେଇ ଡିଲରଙ୍କ ସହ ଆଲୋଚନା

ପୁରୀ ଅଫିସ,୧୩।୬(ଅଜିତ ମହାନ୍ତି)

ରଥଯାତ୍ରା ଉପଲକ୍ଷେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଉପଜିଲାପାଳ ଭବତାରଣ ସାହୁଙ୍କ ପୌରୋହିତ୍ୟରେ ପୁରୀ ପୌରାଞ୍ଚଳର ପାଇକାରୀ ଖୁଚୁରା ବେପାରୀ, ଏଲ୍‌ପିଜି ଗ୍ୟାସ ବିତରକ, ପେଟ୍ରୋଲ ଓ ଡିଜେଲ ବିତରକମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ପୌରାଞ୍ଚଳର ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ, ଅତିରିକ୍ତ ଯୋଗାଣ ଅଧିକାରୀ, ପୁରୀ ସଦର, ସରକାରୀ ଯୋଗାଣ ଅଧିକାରୀ ପୁରୀ ପୌରାଞ୍ଚଳ, ବଜାର ନିୟନ୍ତ୍ରଣ ଅଧିକାରୀ, ପୁରୀ ଓ ପୁରୀ ଜିଲାର ସମସ୍ତ ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଚଳିତ ରଥଯାତ୍ରାରେ କିପରି ଭାବେ ଖାଦ୍ୟ ସାମଗ୍ରୀର ଉଚିତ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଏଲ୍‌ପିଜି ଘରୋଇ ଗ୍ୟାସର ସୁଚାରୁ ରୂପେ ବଣ୍ଟନ ଏବଂ ପେଟ୍ରୋଲ ଓ ଡିଜେଲର ପ୍ରଚୁର ଭାବେ ପୁରୀ ପୌରାଞ୍ଚଳରେ ଆବଶ୍ୟକ ରହିବାକୁ ଥିବାବେଳେ ସେହି ସମୟରେ ଠିକ୍ ଦର ଓ ଶୃଙ୍ଖଳିତ ଭାବେ ନେଣଦେଣ କରିବାକୁ ନେଇ ଡିଲରମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ମୁକ୍ତା ଯୋଜନାରେ ୱାର୍ଡରେ ଉନ୍ନୟନ କାର୍ଯ୍ୟ ହେବ

ନିମାପଡ଼ା,୧୩।୬(ବିଚିତ୍ରାନନ୍ଦ ସାହୁ)

ମୁକ୍ତା ଯୋଜନାରେ ନିମାପଡ଼ା ଏନ୍ଏସିର ବିଭିନ୍ନ ୱାର୍ଡରେ ୧ କୋଟି ଟଙ୍କା ବ୍ୟୟରେ ଚଳିତ ବର୍ଷ ବହୁ ଉନ୍ନୟନ କାର୍ଯ୍ୟ ହେବ। ୨୬ଟି ନୂତନ ପକ୍କା ସଡ଼କ ନିର୍ମାଣ ହେବ। ନିମାପଡ଼ା ଏନ୍ଏସି କାର୍ଯ୍ୟାଳୟରେ ଆୟୋଜିତ କାଉନସିଲ ବୈଠକରେ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଗ୍ରୀନ୍ ଫୁଲ୍‌ଡ଼ି ଯୋଜନାରେ ୧୧ଟି ୱାର୍ଡରେ ଥିବା କଚ୍ଚା, ଅପହଞ୍ଚ, ଡ୍ୟାମେଜ ରାସ୍ତାର ଖୁବ୍‌ଶୀଘ୍ର ପୁନରୁଦ୍ଧାର କରାଯିବା ସହ ପରିଷଦ ଅଞ୍ଚଳରେ ଥିବା ୬ଟି ବଡ଼ ପୋଖରୀର ସୌନ୍ଦର୍ଯ୍ୟକରଣ ହେବା ସହ ବିଭିନ୍ନ ବିକାଶ କାର୍ଯ୍ୟ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏନ୍ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ରମୋହନ ବେହେରା, ଅନାଥଚରଣ ସାହୁ, ମ୍ୟାନେଜର ଶଶିଭୂଷଣ ମହାନ୍ତିଙ୍କ ସମେତ ୧୦ଜଣ କାଉନସିଲର ପରିଷଦ ବୈଠକରେ ଯୋଗ ଦେଇଥିଲେ।



ନିମାପଡ଼ା ଏନ୍ଏସି କାର୍ଯ୍ୟାଳୟରେ ଅନୁଷ୍ଠିତ କାଉନସିଲ ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# କୋଣାର୍କ ଭଗବତୀ ମହାବିଦ୍ୟାଳୟ ନାଁରେ ୧୦ ଏକର ଜମି

କୋଣାର୍କ,୧୩।୬(ଜ୍ୟୋତିରାଜ ମହାନ୍ତି)

**ସ୍ଥାୟୀ ଜମି ଅଧିଗ୍ରହଣ ପ୍ରସଙ୍ଗ**

■ ଜିଲାପାଳଙ୍କୁ ଅନୁମତି ଦେଲେ ରାଜସ୍ୱ ବିଭାଗ

କୋଣାର୍କରେ ଉଚ୍ଚ ଶିକ୍ଷାର ପ୍ରଚାର ଓ ପ୍ରସାର କରିବା ପାଇଁ ୧୯୭୮ ମସିହାରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କଲେଜ ଜମିକୁ ନେଇ କୌଣସି ବିବାଦ ଦେଖାଯାଇଥିଲା। ଫଳରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ନଂ. ୧୨୬୯୩ ତା – ୨୮/୦୨/୮୯ ଅନୁଯାୟୀ କଲେଜ ଅବସ୍ଥିତ ଅଞ୍ଚଳ ଓ ମାଧିପୁର ମୌଜାର ସରକାରୀ ଜମିକୁ ଲିଜ୍ ପ୍ରଦାନ ଦିଗରେ କଟକଣା ଜାରି କରାଯାଇଥିଲା। ଏହି କଟକଣାକୁ ଉଠାଇ କୋଣାର୍କ ଭଗବତୀ ମହାବିଦ୍ୟାଳୟ ନାଁରେ ସ୍ଥାୟୀ ଜମି ରେକର୍ଡ ଭୁକ୍ତ କରିବା ଅନୁମତି ପ୍ରଦାନ ପାଇଁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା – ୧୬୯୩, ତା ୨୯/୪/୨୨ ରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ପତ୍ର ଲେଖାଯାଇଥିଲା। ଏହି ପତ୍ର ଆଧାରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୧୪୦୮,୧୩/୬/୨୩ରେ ଭଗବତୀ ମହାବିଦ୍ୟାଳୟ ନାଁରେ ଗୋପ ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ମାଧିପୁର ମୌଜାର ସାବିକ ଖାତା ୩୮, ପ୍ଲଟ ନଂ. ୨୯ ଓ ବର୍ତ୍ତମାନର ହାଲ ଖାତା ୨୮୨, ପ୍ଲଟ ନଂ. ୧୦୪ରେ ମହାବିଦ୍ୟାଳୟ ଦଖଲରେ ଥିବା ୨୮ ଏକର ୫୦ ଡିସିମିଲି ଜମି ମଧ୍ୟରୁ ୧୦ଏକର ଜମି ଭଗବତୀ ମହାବିଦ୍ୟାଳୟ ନାଁରେ ରେକର୍ଡ ଭୁକ୍ତ କରିବା ପାଇଁ ପୁରୀ ଜିଲାପାଳଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଦୀର୍ଘ ୪୫ବର୍ଷ ପରେ କୋଣାର୍କରେ ଥିବା ଭଗବତୀ ମହାବିଦ୍ୟାଳୟ ନାଁରେ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଅନୁମତି ଦେବା ପରେ ମହାବିଦ୍ୟାଳୟ ନାଁରେ ସ୍ଥାୟୀ ଜମି ପଟ୍ଟା ମିଳିବା ନିଶ୍ଚିତ ହୋଇଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା – ୨୧୪୦୯ ରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବଙ୍କ ବ୍ୟକ୍ତିଗତ ସଚିବ, ପତ୍ର ସଂଖ୍ୟା – ୨୧୪୧୦ ରେ ପୁରୀ ଉପଜିଲାପାଳ ଓ ଗୋପ ତହସିଲଦାର, ପତ୍ର ସଂଖ୍ୟା – ୨୧୪୧୧ରେ ସଚିବ ପୁରୀ – କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପତ୍ର ସଂଖ୍ୟା – ୨୧୪୧୨ରେ ଅଧକ୍ଷ କୋଣାର୍କ ଭଗବତୀ ମହାବିଦ୍ୟାଳୟଙ୍କୁ ଅବଗତ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହାବିଦ୍ୟାଳୟ ନାଁରେ ସ୍ଥାୟୀ ଜମି ମିଳିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସବୁଜ ସଂକେତ ମିଳିବା ପରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅବତାର ମିଶ୍ର ଓ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ଜିଲାପାଳ ସମର୍ଥ ବର୍ମାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ରଜରେ ଜମିବ ପାନ ବଜାର



କଟକ ଝାଞ୍ଜିରୀମଙ୍ଗଳା ରିଂରୋଡ୍ ପାର୍ଶ୍ୱରେ ଜଣେ ବ୍ୟବସାୟୀ ରଜ ପାନ ପ୍ରସ୍ତୁତ କରୁଛନ୍ତି।

କଟକ ଅଫିସ, ୧୩ା୬ (ସୁପ୍ରିୟା ପ୍ରିୟଦର୍ଶିନୀ)

ରଜରେ ପାନର ଭିନ୍ନ ଭିନ୍ନ ସ୍ୱତନ୍ତ୍ରତା ରହିଛି। ପୋଡପିଠା ଖାଇବା ଓ ଦୋଳି ଖେଳିବା ବିନା ଯେପରି ରଜ ଅଧୁରା, ପାନ ବିନା ସେପରି ଫିକା। ବର୍ଷ ତମାମ ପାନଠାରୁ ଦୂରେଇ ରହିଲେ ମଧ୍ୟ ରଜ ତିନିଦିନ ପାଇଁ ସବୁ ମାଫ୍। ତେଣୁ ଝିଅମାନେ ପାନ ଖାଇ ପାଟି ନାଲିକରି ରଜର ମଜା ଉଠାଇଥାନ୍ତି। ଏଥିପାଇଁ ପାନର ଚାହିଦା ବଢିଥାଏ। ଏବେ ବିଭିନ୍ନ ଆକାରରେ ପ୍ରସ୍ତୁତ ହେଉଥିବା ପାନ ଯୁବପିଢିଙ୍କୁ ଆକୃଷ୍ଟ କରୁଛି। ରଜପର୍ବକୁ ଦୃଷ୍ଟିରେ ରଖି କଟକ ସହରର ବିଭିନ୍ନ ସ୍ଥାନରେ ସ୍ପେସାଲ ପାନ ଦୋକାନ ଖୋଲିଛି। ଏଠାରେ ବନାରସୀ ପାନ, କିଟ୍‌କାଟ ପାନ, ଆର୍ୟୁବେଦିକ ପାନ ଭଳି ୧୩୦ରୁ ଅଧିକ ପ୍ରକାରର ପାନ ବିକ୍ରି ହେଉଛି। ଏହାର ଦାମ୍ ୧୫ରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

**୧୫ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି**

**ସ୍ମୋକ୍ ପାନ:** ଚୂନ, ପାନମଧୁରୀ, ସଲଟେଡ୍ ଧନିଆ, ଗୁଲ୍‌କନ୍ଦ, ମିକ୍ସଚର, ପାନ ସୁପାରୀ, ଶୁଣ୍ଠି, ଜାଇଫଳ, ପିପର୍ମିଣ୍ଟ, ମୁଲେଠି, ଚେରି ଓ ଟୁଟିଫ୍ରୁଟି ଆଦି ଦେଇ ତିନିକୋଣିଆ ଆକାରରେ ପାନ ପ୍ରସ୍ତୁତ କରାଯାଏ। ତାହା ଉପରେ ଚେରି ଦେଇ ଏକ କାଠିରେ ସେଟ୍ କରାଯାଏ। ଏହା ଉପରେ ଇଡେବୁଲ ଲକ୍ୟୁଇଡ୍ ନାଇଟ୍ରୋଜେନ ଭଳି ତରଳ ପଦାର୍ଥ ଢଳାଯାଏ। ଏହି ତରଳ ପଦାର୍ଥ ଦିଆଯିବା ପରେ ପାନରୁ ଧୂଆଁ ବାହାରିବା ଆରମ୍ଭ ହୋଇଯାଏ। ଏହାକୁ ସ୍ମୋକ ପାନ କୁହାଯାଏ। ଧୂଆଁ ବାହାରୁଥିବା ସମୟରେ ହିଁ ସ୍ମୋକ ପାନକୁ ଗ୍ରାହକଙ୍କ ପାଟିକୁ ବ୍ୟବସାୟୀ ବଢାଇ ଦେଇଥାନ୍ତି। ଏହା ପାନ ଗ୍ରାହକଙ୍କୁ ଖଟା, ମିଠାର ସ୍ୱାଦ ଦେବା ସହ ଧୂଆଁଳିଆ ଫ୍ଲେବର୍ ଦିଏ।

**ଗୁପ୍‌ଚୁପ୍ ପାନ:** ଗୁପ୍‌ଚୁପ୍ ଭିତରେ ପାନପତ୍ର ଦିଆଯାଏ। ସେଥିରେ ଗୁଆ, ଖଇର, ଧଣିଆ, ଜୁଆଣି, ପାନମଧୁରି, ନଡ଼ିଆ, ମିଠା ଆଦି ଦେଇ ଗୁପ୍‌ଚୁପ୍ ପାନ ପ୍ରସ୍ତୁତ ହୋଇଥାଏ। ବଜାରରେ ନୂଆକରି ଏହି ପାନ ଆସିଥିବାରୁ ଲୋକଙ୍କ ମଧ୍ୟରେ ଏହାର ଚାହିଦା ରହିବ ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ଏହି ପାନ ପ୍ରସ୍ତୁତ ପାଇଁ ମସଲା ସ୍ୱତନ୍ତ୍ର ଭାବେ ଟାଟାନଗର, କୋଲକାତା, ମୁମ୍ବାଇ ଆଦି ସହରରୁ ଆସିଛି ବୋଲି ବ୍ୟବସାୟୀ ରାମ କୁମାର ସ୍ୱାଇଁ କହିଛନ୍ତି।

## ସୁନାଚାନ୍ଦି ପାନ



ରଜରେ ସୁନା ଚାନ୍ଦି ପାନର ଚାହିଦା ରହିଛି। ଏହି ପାନ ପ୍ରସ୍ତୁତ ପାଇଁ ଦିଲ୍ଲୀ, କୋଲକାତାରୁ ମସଲା ଆସିଥାଏ। ପାନ ପ୍ରସ୍ତୁତ ପରେ ସୁନା ଓ ଚାନ୍ଦି ଆକାରର ଆସ୍ତରଣ ଦିଆଯାଇଥାଏ। ପରେ ତାହାକୁ ବିଭିନ୍ନ ଖୋଳ ତଥା ରଙ୍ଗିନ ଜରିରେ ପ୍ୟାକିଂ କରି ଦିଆଯାଏ। ଏହାର ମୂଲ୍ୟ ୫୦୦ ଟଙ୍କା ରହିଛି।

## ଆଇସ୍ ଚକୋଲେଟ୍ ପାନ



ବଜାରକୁ ନୂଆ କରି ଆସିଛି ଆଇସ୍ ଚୋକୋଲେଟ ପାନ। ଅନ୍ୟ ପାନ ପରି ଏଥିରେ ମଧ୍ୟ ସମାନ ମସଲା ଦିଆଯାଇଥାଏ। ପରେ ପାନକୁ ବରଫ ଉପରେ ରଖାଯାଏ। ଏହା ଥଣ୍ଡା ହେବା ପରେ ତରଳ ଚକୋଲେଟ୍‌ରେ ବୁଡାଇ ଦିଆଯାଇଥାଏ। ଫଳରେ ଏହା ଉପରେ ଚକୋଲେଟ୍‌ର ଆସ୍ତରଣ ରହିଥାଏ। ଏହାର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇଛି।

## ଆମ୍ବ ପାନ

ରଜପର୍ବକୁ ଦୃଷ୍ଟିରେ ରଖି ବଜାରକୁ ଆସିଛି ଆମ୍ବ ପାନ। ପାନରେ ବିଭିନ୍ନ ପ୍ରକାର ମସଲା ଦିଆଯାଏ। ଏଥିସହ ସେଥିରେ ମିଠା ଆମ୍ବକୁ ଛୋଟ ଛୋଟ କାଟି ପକାଯାଇଥାଏ। ଏହି ପାନର ସ୍ୱାଦ ନିଆରା। ରଜରେ ଏହି ପାନ ସ୍ୱତନ୍ତ୍ର ବୋଲି ବ୍ୟବସାୟୀ ଟୁବୁ ସାହୁ କହିଛନ୍ତି।



## ନାଁ ଅନୁଯାୟୀ ମସଲା ପଡୁଛି

ରଜକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ରଜପାନ ପ୍ରସ୍ତୁତ କରାଯାଉଛି। ବିଶେଷକରି ରଜରେ ମିଠା ପାନର ଚାହିଦା ଅଧିକ ରହୁଛି। ରଜର ୧୦ଦିନ ପୂର୍ବରୁ କୋଲକାତାରୁ ମିଠା ପାନପତ୍ର ସାଙ୍ଗକୁ ମିଠା ପାନମସଲା ଆଣିବାକୁ ପଡିଥାଏ ବୋଲି ଯୋବ୍ରା ଅଞ୍ଚଳର ବ୍ୟବସାୟୀ ଦେବେନ୍ଦ୍ର ପାତ୍ର କହିଛନ୍ତି। ଦୋକାନ ଆଗରେ ଗୁଲକନ୍, ଚେରୀ, ଜେଲି ଭଳି ୮୦ ପ୍ରକାରର ମିଠା ମସଲା ସଜେଇ ହୋଇ ରହିଛି। ଗୋଟା ପାନରେ ଧଳା ଖଇର ଲଗାଯାଉଛି। ସେଥିରେ ଭଜା ଓ ପାତି ଗୁଆ, ଛୁଞ୍ଚି ଗୁଆ, ପ୍ରସାଦ, ନିଲମ, ଚଟଣୀ, ଲବଙ୍ଗ, ଗୁଜୁରାତି ଓ ହୀରାମୋତି ପରି ମସଲା ପଡୁଛି। ଲବଙ୍ଗ ପାନ, ତ୍ରିଭୁଜ ପାନ, ଫାୟାର ପାନ ପରି ନାଁ ଅନୁଯାୟୀ ଭିନ୍ନ ଭିନ୍ନ ମସଲା ପଡୁଛି। ସବୁ ପାନର ସ୍ୱାଦ ମଧ୍ୟ ଅଲଗା। ବର୍ଷର ୪ ଦିନ ଏଠାରେ ରଜ ପାନ ମିଳିଥାଏ। ଚଳିତବର୍ଷ ଭଲ ବ୍ୟବସାୟ ଆଶା ରଖି ପାନ ବିକ୍ରି ଆରମ୍ଭ ହୋଇଛି ବୋଲି ପାତ୍ର କହିଛନ୍ତି। ସେହିପରି ସର୍ବୋଦୟପୁର ଅଞ୍ଚଳର ନରେନ୍ଦ୍ର ବେହେରା କହିଛନ୍ତି, ରଜ ପାଇଁ ପାନ ଷ୍ଟଲ ଖୋଲିଛି। ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାର ପାନ ପ୍ରସ୍ତୁତ କରିଥାଉ। ଅନ୍ୟ ଜଣେ ବ୍ୟବସାୟୀ ସଦାନନ୍ଦ କହିଛନ୍ତି, ପାନ ନ ଖାଇବା ଲୋକ ମଧ୍ୟ ରଜରେ ଏହାର ମଜା ଉଠାଇଥାନ୍ତି। ୧୫ରୁ ୮୦ ଟଙ୍କା ପର୍ଯ୍ୟନ୍ତ ପାନ ରହିଛି। ରଜରେ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି। କୁଲ୍ଫି ପାନ, ମ୍ୟାଙ୍ଗୋ ପାନ, ସ୍ମୋକ ପାନ, ଚକୋଲେଟ୍ ପାନ ଓ ଲଡୁ ପାନ ଆଦି ରହିଛି।



**ରଜ ପାଇଁ ସଜବାଜ:** କଟକ ଡଗରପଡ଼ା ଷ୍ଟୋନୀ ରୋଡ ଅଞ୍ଚଳରେ ଝିଅମାନେ ମଙ୍ଗଳବାର ସଜବାଜ ହେଉଛନ୍ତି।

# ବରୁଣେଇ, ଉଗ୍ରତାରା ପୀଠରେ ଜମିବ ରଜ

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୩ା୬
(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)



ରଜ ଉସବ ଆୟୋଜନ ନେଇ ଜିଲାପାଳ ଏବଂ ଏସ୍‌ପି ସମୀକ୍ଷା କରୁଛନ୍ତି।

ବୁଧବାର ରଜ ଉତ୍ସବ ପାଇଁ ଗାଁଠୁ ସହର ଉତ୍ସବମୁଖର ହୋଇପଡ଼ିଛି। ତେବେ ରଜରେ ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବରୁଣେଇ ଓ ମା' ଉଗ୍ରତାରାଙ୍କ ପୀଠରେ ପ୍ରବଳ ଜନସମାଗମ ହୋଇଥାଏ। ମା'ବରୁଣେଇ, କରୁଣେଇ ଏବଂ ମା' ଉଗ୍ରତାରାଙ୍କ ଦର୍ଶନ ସହ ରଜ ଉତ୍ସବ ସାଙ୍ଗସାଥିଙ୍କ ମେଳରେ ପାଳନ କରିଥାନ୍ତି। ବରୁଣେଇ ପୀଠରେ ଜିଲା ପ୍ରଶାସନ ଏବଂ ଦିଶାନ୍ତ ଅନୁଷ୍ଠାନ ପକ୍ଷରୁ ୩ଦିନ ବ୍ୟାପୀ ରଜ ମହୋତ୍ସବ ଆୟୋଜନ କରାଯାଉଛି। ସେହିପରି ଉଗ୍ରତାରାଙ୍କ ପୀଠରେ ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ରଜ ମହୋତ୍ସବ ଅନୁଷ୍ଠିତ ହେବ।

ରଜ ଆସିଲେ ବରୁଣେଇ ପୀଠରେ ଦିନସାରା ଗହଳି ଲାଗିରହିଥାଏ। ତିନିଦିନ ବ୍ୟାପୀ ରଜ ମହୋତ୍ସବ ଏବଂ ମେଳା ଆୟୋଜନ ହୋଇଥାଏ। ଦୀର୍ଘବର୍ଷ ଧରି ଏଠାରେ ରଜମେଳା ଅନୁଷ୍ଠିତ ହୋଇଆସୁଛି। ସ୍ଥାନୀୟ ଅଞ୍ଚଳର ସବୁଠାରୁ ବଡ଼ ମେଳା କୁହାଯାଉଥିବା ରଜ ମେଳା ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ମେଳାରେ ବିଭିନ୍ନ ଘରକରଣା ସମଗ୍ରୀ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମନୋହରି, ପିଲାମାନଙ୍କର ମନୋରଞ୍ଜନ ଲାଗି ବିଭିନ୍ନ ପ୍ରକାର ଦୋଳିପଡ଼େ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୩ ଦିନ ଧରି ରଜ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଦର୍ଶକ, ପର୍ଯ୍ୟଟକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ସହ ରଜ ଦୋଳି, ରଜ ପାନ, ବିଭିନ୍ନ ପ୍ରକାର ପିଠାପଣାର ମଜା ନେଇଥାନ୍ତି। ପହିଲି ରଜରେ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ସ୍ନାନପରେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦନଲାଗି ବେଶ ହୋଇଥାଏ। ଠାକୁରାଣୀଙ୍କ ଏହି ବେଶ ଦର୍ଶନ ଲାଗି ପ୍ରବଳ ଭିଡ଼ ଜମିଥାଏ। ସେହିପରି ଉଗ୍ରତାରା ପୀଠରେ ରଜ ଉତ୍ସବ ଆଡ଼ମ୍ବରରେ ପାଳନ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସଦ୍ଧାର୍ଥ କଟାରିଆ ପ୍ରମୁଖ ରଜ ଉତ୍ସବ ଆୟୋଜନ ନେଇ ସମୀକ୍ଷା କରିଥିଲେ। ଯୁବତୀମାନେ ଏଠାରେ ମା'ଙ୍କ ଦର୍ଶନ ସହ ରଜର ମଜା ଉଠାଇଥାନ୍ତି। ଚାରିଆଡ଼େ ଦୋକାନ ବଜାର ପସରା ମେଲିଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୋଳି, ମୀନବଜାର, ଘରକରଣା, ଖେଳଣା ପସରା ପଡ଼ିଥାଏ। ଏଥିଲାଗି ପ୍ରବଳ ଜନସମାଗମ ହୋଇଥାଏ।

# ରଜ ମହୋତ୍ସବ ଉଦ୍‌ଘାଟିତ

କଟକ ସଦର, ୧୩ା୬ (ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ାସ୍ଥିତ ଆଞ୍ଚଳିକ କଳା ପରିଷଦ ଆନୁକୂଲ୍ୟରେ ୭ମ ରଜ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ଚୌଧୁରୀ ସତ୍ୟ ଦାସ, ସମ୍ମାନିତ ଅତିଥି ଭାବେ ମଞ୍ଜୁଶ୍ରୀ ଶାସ୍ତ୍ରୀ, ଆଦର୍ଶ ଶିକ୍ଷକ ବାଉରୀବନ୍ଧୁ ସ୍ୱାଇଁ, ପ୍ରଦୀପ୍ତ ଆଚାର୍ଯ୍ୟ ଯୋଗଦେଇ ଗ୍ରାମାଞ୍ଚଳରେ ରଜ ଉତ୍ସବ ପାଳନ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକଙ୍କ ଉତ୍ସବରେ ପୌରୋହିତ୍ୟ କରିଥିଲେ। କମଳାକାନ୍ତ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ନାଟ୍ୟଗୁରୁ ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରର ସୁର୍ ଭାଇବ୍ରେଶନ ଅନୁଷ୍ଠାନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଆୟୋଜିତ ଅଷ୍ଟମ 'ସଜରେ ସଜରେ ରଜ' କାର୍ଯ୍ୟକ୍ରମରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# 'ଗୁଣ୍ଡୁ ଗ୍ୟାଙ୍ଗଷ୍ଟର'କୁ ଟକ୍କର ଦେବ 'ଲଭ୍ ଇନ୍ ଲଣ୍ଡନ'



ଲଭ୍ ଇନ୍ ଲଣ୍ଡନ ଚଳଚ୍ଚିତ୍ରର ପ୍ରିମିୟର ଅବସରରେ ଅନୁଭବ ମହାନ୍ତି ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୧୩ା୬ (ଶର୍ମିଷ୍ଠା ପାଣିଗ୍ରାହୀ)

ରଜ ସମୟରେ ସିନେମା ଦେଖିବାର ମଜା ନିଆରା। ସେଥିପାଇଁ ଦର୍ଶକଙ୍କ ଚାହିଦାକୁ ଦେଖି ପ୍ରଯୋଜକ ରଜ ସମୟରେ ସିନେମା ଭେଟି ଦିଅନ୍ତି। ଏଥର ରଜରେ ଓଲିଉଡର ଜଣେ ମେଗାଷ୍ଟାର ଓ ସୁପରଷ୍ଟାର ପରଦାକୁ ଓହ୍ଲାଇଛନ୍ତି। ବହୁ ବ୍ୟବଧାନ ପରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଓ ଅନୁଭବ ମହାନ୍ତିଙ୍କ ସିନେମା ପ୍ରେକ୍ଷାଳୟକୁ ଆସିଛି। ଅନୁଭବଙ୍କ 'ଲଭ୍ ଇନ୍ ଲଣ୍ଡନ' ଏବଂ ସିଦ୍ଧାନ୍ତଙ୍କ ଗୁଣ୍ଡୁ ଗ୍ୟାଙ୍ଗଷ୍ଟର ଏଥର ଭଲ ବ୍ୟବସାୟ କରିବ ବୋଲି ଆଶା କରାଯାଇଛି। ମଙ୍ଗଳବାର ଏହି ୨ଟି ଫିଲ୍ମର ପ୍ରିମିୟର ରିଲିଜ ହୋଇଛି। ଦୀର୍ଘ ୬ବର୍ଷ ପରେ ରଜରେ ଅନୁଭବ ପୁଣି ପରଦାକୁ ଫେରିଛନ୍ତି। ପ୍ରିମିୟରରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼ ଥିଲା। 'ଲଭ୍ ଇନ୍ ଲଣ୍ଡନ'ରେ ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ଓ ସୌମ୍ୟା ସଚ୍ଚଦେବା ରହିଛନ୍ତି। ଅନ୍ୟପକ୍ଷେ ଗୁଣ୍ଡୁ ଗ୍ୟାଙ୍ଗଷ୍ଟରରେ ସିଦ୍ଧାନ୍ତଙ୍କ ସମେତ ନମ୍ରତା ଥାପ୍ପା ମଧ୍ୟ ଓଲିଉଡକୁ ଫେରିଛନ୍ତି। ଏହି ଯୋଡ଼ିଙ୍କ ସହ ଅଭିନେତା ଶୈଳେନ୍ଦ୍ର, ଅଭିନେତ୍ରୀ ଶିବାନୀ ସଙ୍ଗୀତା ରହିଛନ୍ତି।

# ୩ ବର୍ଷ ପାଇଁ ରାଜଧାନୀ ପୁସ୍ତକମେଳା ପୁରସ୍କାର ଘୋଷଣା

ଭୁବନେଶ୍ୱର, ୧୩ା୬ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜଧାନୀ ପୁସ୍ତକମେଳା କମିଟି ପକ୍ଷରୁ ମଙ୍ଗଳବାର ୨୦୨୦, ୨୦୨୧ ଓ ୨୦୨୨ ବର୍ଷ ପାଇଁ ଓଡ଼ିଆ ସାହିତ୍ୟର ୧୨ ବିଭାଗରେ ରାଜଧାନୀ ପୁସ୍ତକମେଳା ପୁରସ୍କାର ଘୋଷଣା କରାଯାଇଛି। ୨୦୨୦ ମସିହା ପାଇଁ ପ୍ରବନ୍ଧ ବିଭାଗରେ ଡ. ଅଭିଲାଷ ଜେନା, ଉପନ୍ୟାସରେ ସଂଯୁକ୍ତା ମହାପାତ୍ର ଏବଂ ଅନିତା ପଣ୍ଡା, କବିତା ପୁସ୍ତକ ଲାଗି ଅଙ୍ଗୁରବାଳା ପରିଡ଼ା, କ୍ଷୁଦ୍ରଗଳ୍ପ ପୁସ୍ତକ ନିମନ୍ତେ ବିଦ୍ୟାଧର ଗୁରୁ, ଅନୁବାଦ ପୁସ୍ତକରେ ଡ. ସୁମିତ୍ରା ମିଶ୍ର ପୁରସ୍କାର ପାଇବେ। ସେହିପରି ଭ୍ରମଣ କାହାଣୀରେ ଡ. ପ୍ରଭାତି ମିଶ୍ର, ଧର୍ମ ସାହିତ୍ୟ ପୁସ୍ତକ ସକାଶେ ପ୍ରବାସିନୀ ମହାନ୍ତି, ଜୀବନୀ ସାହିତ୍ୟ ନିମନ୍ତେ ଅରବିନ୍ଦ ପଟ୍ଟନାୟକ, ନାଟକ ପୁସ୍ତକ ପାଇଁ ବିନ୍ଦୁରେଖା ମହାପାତ୍ର, ଶିଶୁଗଳ୍ପ ଲାଗି ସଂଗ୍ରାମ କେଶରୀ ପୃଷ୍ଟି, ଶିଶୁ କବିତା ସକାଶେ ଦିନବନ୍ଧୁ କର, ବ୍ୟଙ୍ଗ ସାହିତ୍ୟରେ ବ୍ରଜବିହାରୀ ଦାସଙ୍କୁ ପୁରସ୍କୃତ କରାଯିବ। ୨୦୨୧ମସିହା ପାଇଁ ପ୍ରବନ୍ଧ ବିଭାଗରେ ରଞ୍ଜନ କୁମାର ଦାସ, ଉପନ୍ୟାସରେ ସ୍ନେହସୁଧା ମିଶ୍ର, କବିତା ପୁସ୍ତକ ନିମନ୍ତେ ରମେଶ ପତି, ଗଳ୍ପ ପୁସ୍ତକରେ ଭୁବନେଶ୍ୱରୀ ପଣ୍ଡା ଓ କେଶବ ଚନ୍ଦ୍ର ରାଉତରାୟ, ଭ୍ରମଣ କାହାଣୀରେ ସତ୍ୟନାରାୟଣ ମିଶ୍ର, ଧର୍ମ ସାହିତ୍ୟ ଲାଗି ଅଶୋକ କୁମାର ଆଚାର୍ଯ୍ୟ, ଜୀବନୀ ସାହିତ୍ୟ ସକାଶେ ଡ. ଗାର୍ଗୀ ମିଶ୍ର, ନାଟକ ପୁସ୍ତକ ନିମନ୍ତେ ପ୍ରମୋଦ କୁମାର ଜେନା, ଶିଶୁଗଳ୍ପ ପାଇଁ ନବେନ୍ଦ୍ର ନାଥ ପଟ୍ଟନାୟକ ଏବଂ ଶିଶୁ କବିତାରେ ବଙ୍କିମ ଚନ୍ଦ୍ର ନାୟକଙ୍କ ନାମ ଘୋଷଣା କରାଯାଇଛି। ୨୦୨୨ରେ ପ୍ରବନ୍ଧ ବିଭାଗରେ ଡ. ଅଭୟ ନାରାୟଣ ନାୟକ, ଉପନ୍ୟାସରେ ହେମନ୍ତ କୁମାର ଘୋଷାଲ, କବିତା ପୁସ୍ତକ ଲାଗି ମୀନତି ମିଶ୍ର ଓ ଚନ୍ଦ୍ରକାନ୍ତ ମଲ୍ଲିକ, ଗଳ୍ପ ପୁସ୍ତକ ସକାଶେ ବିଜୟିନୀ ତ୍ରିପାଠୀ, ଅନୁବାଦ ପୁସ୍ତକରେ ଅନ୍ୱେଷକାନ୍ତ ଓ ଅନୁରୂପା ସିଂ, ଭ୍ରମଣ କାହାଣୀରେ ବିଜୟ ପଟ୍ଟନାୟକ ପୁରସ୍କୃତ ହେବେ। ଧର୍ମ ସାହିତ୍ୟ ପୁସ୍ତକ ଲାଗି ଦୁର୍ଗାଚରଣ ମିଶ୍ର, ଜୀବନୀ ସାହିତ୍ୟ ନିମନ୍ତେ ଡ. ବେଣୁଧର ସେନାପତି, ନାଟକ ପୁସ୍ତକ କ୍ଷେତ୍ରରେ ରଜନୀ ରଞ୍ଜନ, ବିଜ୍ଞାନ ସାହିତ୍ୟ ପାଇଁ ରାମଚନ୍ଦ୍ର ଦେଓ ଏବଂ ହିମାଂଶୁ ଶେଖର ହଟେସିଂ, ଶିଶୁଗଳ୍ପ ଲାଗି ଡ. ଜ୍ୟୋତିର୍ମୟୀ ମହାନ୍ତି, ଶିଶୁ କବିତା ନିମନ୍ତେ ଜୟନ୍ତୀ କୁମାର ଓଝା, ବ୍ୟଙ୍ଗ ସାହିତ୍ୟରେ ଡ. ଗୌରହରି ରାଉତଙ୍କୁ ପୁରସ୍କାର ପାଇବା ପାଇଁ ଚୟନ କରାଯାଇଛି। ଆସନ୍ତା ୨୫ ତାରିଖରେ ଗୀତଗୋବିନ୍ଦ ସଦନଠାରେ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟିର ସଭାପତି ଉପେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି।

# ଚପିଗଲା ତଦନ୍ତ ରିପୋର୍ଟ

**ଅଙ୍ଗନୱାଡି ସାମଗ୍ରୀ କିଣାରେ ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନିୟମିତତା ପ୍ରସଙ୍ଗ**

- ୨୦୨୧ରେ ବିଧାୟକ ଆଣିଥିଲେ ଅଭିଯୋଗ
- ଗ୍ଲୋବାଲ ଟେଣ୍ଡର ପରିବର୍ତ୍ତେ ୩ ସଂସ୍ଥାକୁ ଦିଆଯାଇଥିଲା
- ୨୦% ସାମଗ୍ରୀ ଯୋଗାଇ ସମ୍ପୂର୍ଣ୍ଣ ଟଙ୍କା ନେଇଗଲେ

**ଖୋର୍ଦ୍ଧା ଅଫିସ,୧୩।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଅଙ୍ଗନୱାଡି କେନ୍ଦ୍ରର ସାମଗ୍ରୀ କିଣାରେ ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନିୟମିତତା ହୋଇଥିବା ନେଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ୨୦୨୧ ଜୁଲାଇରେ ଅଭିଯୋଗ ଆଣିଥିଲେ। ଏହି ଅନିୟମିତତା ସମ୍ପର୍କରେ ସେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଶାସନ ସଚିବ ଏବଂ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ସମେତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲାପାଳ ସନତ୍ ମହାନ୍ତି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ସମୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଏହାର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସାମଗ୍ରୀ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଥିବା ଜଣାପଡ଼ିଥିଲା। ତେବେ ରିପୋର୍ଟକୁ ଆଧାର କରି ଜିଲାପାଳ କୌଣସି ପଦକ୍ଷେପ ନେଲେନାହିଁ। ପରବର୍ତ୍ତୀ ସମୟରେ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀ ଅବସର ଗ୍ରହଣ କରିଥିଲେ। ତେବେ ଏହି ଅନିୟମିତତା ଟଙ୍କା ସମ୍ପୃକ୍ତ ଅଧିକାରୀଙ୍କଠାରୁ ଭରଣା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରେ କୌଣସି ପଦକ୍ଷେପ ନିଆଗଲାନାହିଁ। ଜିଲାପାଳ ମହାନ୍ତିଙ୍କ ବଦଳି ପରେ ସଂଗ୍ରାମ କେଶରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ରାଜ୍ୟ ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ଭାବେ ସେ ବଦଳି ହୋଇଛନ୍ତି। ବର୍ତ୍ତମାନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଥିବାବେଳେ ଏ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇ ନ ଥିବା କିମ୍ବା ଜାଣିଶୁଣି ଫାଇଲକୁ କେହି ଅଧିକାରୀ ଚାପି ଦେଇଥିବା ଚର୍ଚ୍ଚା ହେଉଛି। ଅଧିକାରୀଙ୍କ ବିରୋଧରେ ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତଦନ୍ତ ରିପୋର୍ଟକୁ ଚାପି ଦିଆଯାଇଛି।

ପ୍ରକାଶ ଯେ, ୨୦୨୧ରେ ଖୋର୍ଦ୍ଧା ଜିଲାକୁ ଚେୟାର ଟେବୁଲ ଓ ୱାଟର ଫିଲ୍ଟର ବାବଦକୁ ୮୩ଲକ୍ଷ ୪୭ହଜାର ଟଙ୍କା ଅନୁଦାନ ଆସିଥିଲା। ତେବେ ସରକାରଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରାଯାଇ ବିନା ଟେଣ୍ଡରରେ କିଣାହୋଇଥିଲା ସାମଗ୍ରୀ। କରୋନା ସମୟରେ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଥିଲା। ଏହି ସାମଗ୍ରୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ନ ଥିବା ବେଳେ ସମ୍ପୂର୍ଣ୍ଣ ଅର୍ଥ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୩ଟି ସଂସ୍ଥାକୁ ଦିଆସରିଥିଲା। ସାମଗ୍ରୀ କିଣାରେ ଅନିୟମିତତା କରାଯାଇଥିବା ନେଇ ଅଭିଯୋଗ ଆଣିଥିଲେ ବିଧାୟକ ରାଉତରାୟ। ଅଭିଯୋଗରେ ବିଧାୟକ ଦର୍ଶାଇଥିଲେ ଯେ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶନାମା ଅନୁସାରେ ସମଗ୍ର ରାଜ୍ୟରେ ଜିଲା ମଙ୍ଗଳ ଅଧିକାରୀଙ୍କ ଜରିଆରେ ଅଙ୍ଗନୱାଡି କେନ୍ଦ୍ରକୁ ଟେବୁଲ, ଚେୟାର, ୱାଟର ଫିଲ୍ଟର ଇତ୍ୟାଦି କିଣାଯାଇ ଯୋଗାଇ ଦିଆଯିବ। ଏହି ସାମଗ୍ରୀ କେବଳ ଜିଲା କ୍ରୟ କମିଟି ଇ-ପୋର୍ଟାଲରେ ଗ୍ଲୋବାଲ ଟେଣ୍ଡର କରିବାର ନିୟମ ରହିଛି। ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ଗ୍ଲୋବାଲ ଟେଣ୍ଡର ପରିବର୍ତ୍ତେ ୩ଟି ସଂସ୍ଥା ବାରିପଦାର କ୍ୱାଲିଟି ସପ୍ଲାୟର, ଖୋର୍ଦ୍ଧାର ସମ୍ରାଟ ଆସୋସିଏଟ୍ ଏବଂ ଅର୍ପିତା ଏଣ୍ଟରପ୍ରାଇଜର୍ସକୁ ସାମଗ୍ରୀ କିଣିବାକୁ ଅନୁମତି ଦେଇଥିଲେ। ସମ୍ପୃକ୍ତ ସଂସ୍ଥା ୧୪ଟି ସିଡିପିଓ ଅଫିସକୁ ଯୋଗାଇଛନ୍ତି। ଟାଙ୍ଗୀ ସିଡିପିଓ ଅଫିସକୁ ୨୫୩ ଅଙ୍ଗନୱାଡି କେନ୍ଦ୍ରରୁ ୪, ବୋଲଗଡ଼ ସିଡିପିଓଙ୍କୁ ୨୨୮ଟି କେନ୍ଦ୍ରରୁ ୮୦ଟି କେନ୍ଦ୍ରକୁ ସାମଗ୍ରୀ ଦିଆଯାଇଛି। ସିଡିପିଓ ବିଏମ୍‌ସି-୨ର ୧୦୨ କେନ୍ଦ୍ରରୁ ୨୦ଟି କେନ୍ଦ୍ରକୁ ସାମଗ୍ରୀ ଦେଇଛନ୍ତି। କେବଳ ୨୦ ପ୍ରତିଶତ କେନ୍ଦ୍ରକୁ ସାମଗ୍ରୀ ଦେଇଥିବା ବେଳେ ଉକ୍ତ ସଂସ୍ଥାଗୁଡିକୁ ପ୍ରାୟ ୮୩.୪୭ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ପଇଠ କରାଯାଇଛି। ତେବେ ସମ୍ପୂର୍ଣ୍ଣ ସାମଗ୍ରୀ ଯୋଗାଣ କରି ନ ଥିବା ବେଳେ କିପରି ଏହି ଟଙ୍କା ପଇଠ କରାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ ଲାଗି ରାଉତରାୟ ଦାବି କରିଥିଲେ।

## ସଂକ୍ଷେପରେ

### ପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ଗୁରୁତର

**ଜଟଣୀ,୧୩।୬ (ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଲୋକକଲୋନୀ(ମାଣିଆ ଛକ)ଠାରେ ମଙ୍ଗଳବାର ପଥର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ମାଣିଆଛକ ଅଞ୍ଚଳର ମଦନ ନାୟକ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନରେ ମାଣିଆ ଛକରୁ ମଦନ ଘରକୁ ଫେରୁଥିବା ବେଳେ ବରପଦା ପଟୁ ଆସୁଥିବା ଏକ ପଥର ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ମଦନ ଗୁରୁତର ଆହତ ହୋଇଥିଲେ। ଜଟଣୀ ପିସିଆର କର୍ମଚାରୀ ପହଞ୍ଚି ମଦନଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ପୂର୍ବଶତ୍ରୁତାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ବେଗୁନିଆ,୧୩।୬(ହରପ୍ରସନ୍ନ ପଣ୍ଡା):** ବାଘମାରୀ ଥାନା ଅଧୀନ ପୋଡାଡିହ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୦୦/୨୩) ରୁଜୁକରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅକ୍ଷୟ ମହାପାତ୍ର। ସୂଚନା ମୁତାବକ, ପୋଡାଡିହ ଗ୍ରାମ ପାଇକରାସାହିର ହୁଲାସ ମହାପାତ୍ର ଓ ଅକ୍ଷୟ ମହାପାତ୍ରଙ୍କ ମଧରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ବଚସା ହୋଇଥିଲା। ପରେ ଅକ୍ଷୟଙ୍କ କଟୁରି ଚୋଟରେ ହୁଲାସ ଓ ନାତି ଅବିନାଶ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ହୁଲାସଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ଲୋକପ୍ରିୟ ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ

**ବେଗୁନିଆ,୧୩।୬(ହରପ୍ରସନ୍ନ ପଣ୍ଡା):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ମଙ୍ଗଳବାର ୧୮ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାବାଡ଼ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଥିବା ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ସ୍ୱର୍ଗତ ନୀଳକଣ୍ଠ ସ୍ଥାନୀୟ ଅଞ୍ଚଳରେ ସୁଖଦୁଃଖରେ ସହଭାଗିତା ହୋଇ ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, କମିଟି ସଭାପତି ବଂଶୀଧର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଦେବୀ, ଗୀତାଞ୍ଜଳୀ ବିଶ୍ୱାଳଙ୍କ ସହିତ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ସାମାଜିକକର୍ମୀଙ୍କ ସ୍ମୃତିଚାରଣ

**ବୋଲଗଡ଼,୧୩।୬(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ପୁଆଣିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସମାଜିକ କର୍ମୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧାପକ ସର୍ବେଶ୍ୱର ସାହୁଙ୍କ ସଂଯୋଜନାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ନୀଳକଣ୍ଠେଶ୍ୱର ବଣିକ ସଂଘ ସଭାପତି ପବିତ୍ର ମୋହନ ମାଝୀ, ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ ଯୋଗଦେଇ ତାଙ୍କର ଅମର ଆତ୍ମାର ସଦଗତି କାମନା ସହ ସ୍ମୃତିଚାରଣ କରିଥିଲେ। ଅସରଳା ବିଜେଡି ସଭାପତି ଅଶୋକ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ତାଙ୍କର କାର୍ଯ୍ୟ ଓ ବ୍ୟବହାର ଯୋଗୁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ମତପ୍ରକାଶ ପାଇଥିଲା।

### ବିବେକାନନ୍ଦ ମିଶନ ଟ୍ରଷ୍ଟ ଗୃହ ଉଦ୍‌ଘାଟିତ

**ବାଲିପାଟଣା,୧୩।୬(ଅଭିମନ୍ୟୁ ନାୟକ):** ତୁରନ୍ତିରାଠାରେ ବିବେକାନନ୍ଦ ଇଣ୍ଟେଗ୍ରାଲ ମିଶନ ଟ୍ରଷ୍ଟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବୁଲବୁଲ ବେହେରା, ବିଇଓ ଶୈଳାଧିରାଜ ତନୟା ଶତପଥୀ, ଆରକ୍ଷୀ ଅଧିକାରୀ ଲଳିତେନ୍ଦୁ ମହାନ୍ତି, ପୃଷ୍ଠପୋଷକ ଅରୁଣ ଶତପଥୀ, ଜଗନ୍ନାଥ ମହାନ୍ତି ଉପସ୍ଥିତ ଥିଲେ। ଅଲେଖ ଶତପଥୀ ଓ ହେମଲତା ଶତପଥୀ ଫିତା କାଟି ଗୃହ ପ୍ରବେଶ କରିଥିଲେ। ପର୍ଶୁରାମ ମଲ୍ଲିକ, ଦିବ୍ୟଜ୍ୟୋତି ଭୂତିଆ, ସଂଗ୍ରାମ କେଶରୀ ଦାସ ଯୋଗଦେଇଥିଲେ।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବାଲୁଗାଁ,୧୩।୬(ସଂଗ୍ରାମ ପାଇକରାୟ)**

ପୋଖରୀରେ ବୁଡ଼ିଯିବାରୁ ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲୁଗାଁ ଥାନା ଅଧୀନ ରଘୁନାଥପୁର ତଥା ଲୁଣ୍ଡପୁଟ ଗ୍ରାମର ସୁବ୍ରତ ପ୍ରଧାନ(୧୫)। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ସୁବ୍ରତ ସାଙ୍ଗଙ୍କ ସହ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିଲେ। କେତେଜଣ ଗ୍ରାମବାସୀ ପହଞ୍ଚି ସୁବ୍ରତଙ୍କୁ ଉଦ୍ଧାର କରି ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ମାଟ୍ରିକ୍ ପରୀକ୍ଷାରେ ୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସୁବ୍ରତ କିଛିଦିନ ପରେ କଲେଜ ଯାଇଥା'ନ୍ତେ। ତାଙ୍କର ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଶୋକାଭିଭୂତ କରିଛି। ସୁବ୍ରତଙ୍କ ବାପା ଜଣେ ଦିନମଜୁରିଆ ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।




ବୋଲଗଡ଼: ସଂପୁର ସ୍ଥିତ ସମବାୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଲାନି

**କେସିସିବିରେ ନିଯୁକ୍ତିରେ ଅନିୟମିତତା ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ,୧୩।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି)ରେ ୨୦୨୧ରେ ବ୍ୟାଙ୍କିଂ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବ୍ୟାପକ ଅନିୟମିତତା କରାଯାଇଛି। ନିଯୁକ୍ତି ବାବଦକୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା କାରବାର କରାଯାଇଛି। ଯୋଗ୍ୟତା ଭିତ୍ତିରେ ଏହି ନିଯୁକ୍ତି ଦିଆନଯାଇ ହେରଫେର କରାଯାଇଛି। ପରୀକ୍ଷା ଏବଂ ଇଣ୍ଟରଭ୍ୟୁ ସମୟରେ ଟଙ୍କା କାରବାର କରାଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଗତ ମାର୍ଚ୍ଚ ୨୭ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ବିଧାୟକ ମିତ୍ର ଆଣିଥିବା ଅଭିଯୋଗ ପ୍ରକାରେ ରାଜ୍ୟର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ବିଧାୟକଙ୍କ ଅଭିଯୋଗର ୯ମାସ ବିତିଲାଣି କିନ୍ତୁ ରାଜ୍ୟ ସମବାୟ ଶାସନ ସଚିବ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବିଭାଗୀୟ ତଦନ୍ତ ପ୍ରକ୍ରିୟା ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଯାଇଛି।

## 'କଠିନ ପରିଶ୍ରମ ହିଁ ସଫଳତା ଆଣେ'

**ବୋଲଗଡ଼,୧୩।୬(ଦେବବ୍ରତ ହୋତା)**

ବୋଲଗଡ଼ର ନିମାଇଁ ଚରଣ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ସୋମବାର ବ୍ଲକସ୍ତରୀୟ ମାଟ୍ରିକ ମେଧାବୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ସଂପୁରସ୍ଥିତ ସମବାୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମୁଖ୍ୟ ବକ୍ତା ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ବକ୍ତା ଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଓ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବ୍ଲକର ମୋଟ୍ ୨୮ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଏ ଗ୍ରେଡ୍‌ରେ ପାସ୍ କରିଥିବା ୧୪ ଜଣଙ୍କ ସମେତ ୩୫ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ଉତ୍ତରୀୟ ଓ ଟ୍ରଫି ଦେଇ ବିଧାୟକ ସାହୁ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଧାପକ ସୁକାନ୍ତ କୁମାର ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ସମସ୍ତ କାର୍ଯ୍ୟରେ କଠିନ ପରିଶ୍ରମର ମୂଲ୍ୟ କେବେହେଲେ ବୃଥା ଯାଏନାହିଁ। ଶିକ୍ଷକ ପ୍ରମୋଦ କୁମାର ସାହୁ, ବିଭୁ ପ୍ରସାଦ ମହାପାତ୍ର, ବିଚିତ୍ରା ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକସ୍ତରରେ ୫୫୭ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ଭାରତୀ ରାଜଗୁରୁ ଓ ମେଧାବୀ ଛାତ୍ର ପ୍ରତ୍ୟୁଷ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ବିଧାୟକ ସାହୁ ସମ୍ବର୍ଦ୍ଧିତ କରିଥିଲେ। ଅଧାପକ ଡ. ସୁକାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



ବୋଲଗଡ଼: କାଳବୈଶାଖୀରେ ଗତ ଶନିବାର ବୋଲଗଡ଼ ବ୍ଲକ କନ୍ତାଇଲୋ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଗୃହର ଆଜବେଷ୍ଟସ ଭାଙ୍ଗିଯାଇଛି।

## ବିଜ୍ଞାନ ବ୍ଲକ ନିର୍ମାଣ ପାଇଁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର

**ଟାଙ୍ଗୀ,୧୩।୬(ରଘୁନାଥ ସାହୁ)**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନାରୁଣୀ ମହାବିଦ୍ୟାଳୟର ବିଜ୍ଞାନ ବ୍ଲକ୍ (ଦ୍ୱିତଳବିଶିଷ୍ଟ) ନିର୍ମାଣ ପାଇଁ ୧୦କୋଟି ୪୨ଲକ୍ଷ ୨୩ ହଜାର ୫ଶହ ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମକୁ ଏହି ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଅଣ୍ଡର ସେକ୍ରେଟାରି ପତ୍ରାଙ୍କ ୨୪୮୮୯/୯.୬.୨୩ରେ ଜଣାଇଛନ୍ତି। ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟ ଅର୍ଥ ମହାବିଦ୍ୟାଳୟ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ଅଧକ୍ଷଙ୍କୁ ସୂଚନା ଦିଆଯାଇଛି। ଏହି ନିର୍ଦ୍ଦେଶ ପରେ ନାରୁଣୀ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ବିଜ୍ଞାନ ବ୍ଲକ ନିର୍ମାଣ ପାଇଁ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏବଂ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ପୂର୍ବତନ ଚିଲିକା ବିଧାୟକ ତଥା ମହାବିଦ୍ୟାଳୟ ପ୍ରତିଷ୍ଠାତା ଡା. ବିଭୂତି ଭୂଷଣ ହରିଚନ୍ଦନ ଓ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ସାଧୁବାଦ ଜଣାଇଛନ୍ତି।

## ଓଲଟିଲା ଆମ୍ବ ବୋଝେଇ ପିକ୍‌ଅପ୍

**ବେଗୁନିଆ,୧୩।୬(ହରପ୍ରସନ୍ନ ପଣ୍ଡା)**



ବାଙ୍କୀ-ସିମୋର ରାସ୍ତାରେ ବେଗୁନିଆ ବ୍ଲକ ଅଧୀନ କୋଟପଲ୍ଲା ଛକ ନିକଟରେ ମଙ୍ଗଳବାର ଏକ ଆମ୍ବ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ଗାଡ଼ିଚାଳକ ଉପସ୍ଥିତ ବୁଦ୍ଧି ଖଟାଇ ଡେଇଁପଡ଼ି ନିଜ ଜୀବନ ରକ୍ଷା କରିଥିଲେ। ପରେ ଜେସିବି ସାହାଯ୍ୟରେ ଗାଡ଼ିକୁ ଉଠାଇ ପଳାଇଥିଲେ। ଖବରପାଇ ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଭୁଜାଲିରେ ହାଣି ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଗଲେ

**ନିମାପଡ଼ା,୧୩।୬ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାଠାରେ ଥିବା ଭାରତ ଫାଇନାନ୍ସ ଇନ୍‌ଷ୍ଟିଟ୍ୟୁସନ୍ ଲିମିଟେଡର ନିମାପଡ଼ା ଶାଖା ସଂଘର ପରିଚାଳକ ନିଲୁ ମାଛୁଆଙ୍କୁ ଦୁଇ ଦୁର୍ବୃତ୍ତ ଭୁଜାଲିରେ ହାଣି ଲୁଟ୍ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୧୯୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନିଲୁ ଏବେ ଆହତ ଅବସ୍ଥାରେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ପୁରୀ ସଦର ଥାନା ଅଞ୍ଚଳର ନିଲୁ ସୋମବାର ବିଭିନ୍ନ ସଂଘରୁ ଟଙ୍କା ଆଦାୟ କରି ବାଇକ୍ ଯୋଗେ ନିମାପଡ଼ା ଅଭିମୁଖେ ଆସୁଥିଲେ। ତାଙ୍କୁ ପିଛା କରି ୨ ଦୁର୍ବୃତ୍ତ ନିମାପଡ଼ା- ଗୋପ ରାସ୍ତାର ସର୍ବାଡ଼ା ମାଝି ସାହି ଗ୍ରାମ ନିକଟରେ ନିଲୁଙ୍କୁ ଅଟକାଇ ଥିଲେ। ସେ ଭୟଭୀତ ହୋଇ ଏକ ପାନ ଦୋକାନ ଭିତରେ ପଶି ଯାଇଥିଲେ। ୨ ଦୁର୍ବୃତ୍ତ ମଧ ପାନ ଦୋକାନ ଭିତରେ ପଶି ନିଲୁଙ୍କ ହାତକୁ ହାଣିଥିଲେ। ବ୍ୟାଗରେ ଥିବା ୧ ଲକ୍ଷ ୪୩ ହଜାର ୭ଶହ ଟଙ୍କା, ବ୍ୟାଗରେ ଥିବା ଟାବଲେଟ୍, ଗୋଟିଏ ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ।

## ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ନିରାକାରପୁର,୧୩।୬ (ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତାତି ସହ ଗୁଳୁଗୁଳି ଅସହ୍ୟ ହେଲାଣି। ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଅସନ୍ତୋଷ ଦେଖାଦେଇଛି। ଯେତେବେଳେ ଲାଇନ ଆସୁଛି ତାହା ପୁଣି ଲୋ ଭୋଲଟେଜ୍। ଫଳରେ ଫ୍ୟାନ, ଏସି, କୁଲର କାମ କରୁନି। ସୋମବାର ରାତିରେ ମା' ଡମଣେଇ ମନ୍ଦିର ନିକଟରେ ବିଦ୍ୟୁତ ତାର ଛିଡ଼ିଯିବାରୁ ରାତି ୮ଟା ୩୦ରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏନେଇ ବିଦ୍ୟୁତ୍ ବିଭାଗକୁ ଫୋନ କରାଯାଇଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ରାତି ପ୍ରାୟ ୧୨ଟାରେ ଲାଇନ ଆସିଥିଲା। ଏ ସମ୍ପର୍କରେ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ରିତେଶ ସିଂ କହିଛନ୍ତି, ଇଲେଭେନ କେଭି ବିଦ୍ୟୁତ୍‌ରେ ଇଲେଭେନ ନ ଆସି ଆସୁଛି ୯ କେଭି। ଫଳରେ ଲୋ-ଭୋଲଟେଜ ହେଉଛି। କୌଣସି ସ୍ଥାନରେ ଅସୁବିଧା ଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ରାତିରେ କମ୍‌ସଂଖ୍ୟକ କର୍ମଚାରୀ ରହୁଥିବାରୁ ଫୋନ ଉଠାଇ ପାରୁନାହାନ୍ତି ବୋଲି ସେ କହିଛନ୍ତି।

## ରୋଗୀଙ୍କୁ ଔଷଧ ନ ଦେଇ ଫୋପାଡ଼ିଦେଲେ

**ଏକ୍ସପାଏରି ଔଷଧ ଜବତ କଲା ସ୍ୱାସ୍ଥ୍ୟ ବିଭାଗ**

**ବେଗୁନିଆ,୧୩।୬(ହରପ୍ରସନ୍ନ ପଣ୍ଡା)**



ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ମାଗଣାରେ ଔଷଧ ଯୋଗାଇଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ହେଲେ ରୋଗୀଙ୍କୁ ଔଷଧ ଦିଆ ନ ଯାଇ ବାହାରେ ଫୋପାଡ଼ି ଦିଆଯାଇଛି। ଏଭଳି ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖବରପାଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପହଞ୍ଚି ଔଷଧ ଜବତ କରିଥିଲେ। ତେବେ ଜବତ ଔଷଧଗୁଡ଼ିକର ଏକ୍ସପାଏରି ନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏହି ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ଜଳେଶ୍ୱର ଦେବଙ୍କ ପୀଠ ନିକଟରେ ଥିବା ଏକ ଆବର୍ଜନା କୁଣ୍ଡରେ ବହୁ ଔଷଧ ପଡିଥିବା ସୂଚନା ମିଳିଥିଲା। ବିକ୍ରୟ ନୁହେଁ ସରକାରଙ୍କର ବୋଲି ଉଲ୍ଲେଖ ଥାଇ ଆଇରନ ବଟିକା ୧୬୦ ଷ୍ଟ୍ରିପ୍ ପଡ଼ିଥିଲା। ସେଥିରୁ ୧୫୦ ଷ୍ଟ୍ରିପ୍ ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ ସମୟ ରହିଥିବା ବେଳେ ଅନ୍ୟ ୧୦ ଷ୍ଟ୍ରିପର ସମୟ ମେ' ୨୦୨୩ ପର୍ଯ୍ୟନ୍ତ ସମୟ ଉଲ୍ଲେଖ ରହିଛି। ସ୍ଥାନୀୟ ଲୋକେ ଦେଖି ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେଇଥିଲେ। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କଣ୍ଟାବାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀଙ୍କ ସହିତ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଯୁଧିଷ୍ଠିର ଦେବତା ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଔଷଧ ଜବତ କରିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି, ଏହା ନିନ୍ଦନୀୟ ଘଟଣା। ଜବତ ଔଷଧଗୁଡିକ ସମୟ ପରିସରଭୁକ୍ତ ନୁହେଁ। ଔଷଧର ବ୍ୟାଚ୍ ଏବଂ ଲେଭଲ ବେଗୁନିଆ ବ୍ଲକ ଅଞ୍ଚଳର ନୁହେଁ, ଏହା ବାହାର ଅଞ୍ଚଳର। କେଉଁ ବ୍ୟକ୍ତି ଆଣି ଏଠାରେ ଫୋପାଡ଼ି ଦେଇଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନ ହେଲେ ଆନ୍ଦୋଳନ

**କଟକ ଅଫିସ,୧୩।୬(ପ୍ରସନ୍ନ ପାଢ଼ୀ):** ଜଗତପୁର ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଏଥିସହ ଦଳ ପକ୍ଷରୁ ଜଗତପୁରସ୍ଥିତ ଟିପିସିଓଡିଏଲ୍ ଏସ୍‌ଡିଓଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଜଗତପୁର ଅଞ୍ଚଳରେ ଗତ ୧୫ ଦିନ ହେଲାଣି ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି। ପ୍ରତିଦିନ ୧ରୁ ୫ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଫଳରେ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ରାଜ୍ୟରେ ବିଦ୍ୟୁତ୍ ଶକ୍ତିର ଅଭାବ ନ ଥିବାବେଳେ ନିମ୍ନମାନର କାମ ଓ ଦୂରଦର୍ଶିତା ଅଭାବରୁ ସ୍ଥାନୀୟ ଜନସାଧାରଣ ସମସ୍ୟାରେ କାଳାତିପାତ କରୁଛନ୍ତି। ଉପଭୋକ୍ତାମାନେ ନିୟମିତ ବିଲ୍ ଦେଉଛନ୍ତି। ଏଣୁ ଉତ୍ତମ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ଟିପିସିଓଡିଏଲ୍‌ର ଦାୟିତ୍ୱ। ଉଚ୍ଚମାନର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରା ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା କଟକ ଜିଲା ଉପସଭାପତି ମନମୋହନ ଉପାଧ୍ୟାୟଙ୍କ ନେତୃତ୍ୱରେ ନିବାସ ଚନ୍ଦ୍ର ରାଉତ, ସୁରେଶ କୁମାର ଜେନା, ପ୍ରଦୀପ ରଞ୍ଜନ ଦାସ, ରବୀନ୍ଦ୍ର କୁମାର ଦାସ, ତାପସ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

### ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**କଟକ ସଦର ବ୍ଲକ**

**କଟକ ସଦର,୧୩।୬(ସୁଶାନ୍ତ ଜେନା):** ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସଦର ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କୁ ଗିରଫ କରାଯାଇଛି। ଫଳରେ କଟକ ସଦର ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯାଇଛି। ଏ ନେଇ ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି, ୨୦୧୯ରେ ବିଭିନ୍ନ ପଞ୍ଚାୟତରେ ବେଆଇନ ଭାବେ ଏଲ୍‌ଇଡି ବଲ୍‌ବ କିଣା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବହୁ କୋଟି ଟଙ୍କାର ମିଥ୍ୟା ବିଲ୍, ଫନି ବାତ୍ୟାରେ ୨ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ, କରୋନା ସମୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନାରେ ଦୁର୍ନୀତି ହୋଇଛି। ଏହି ସମସ୍ତ କାର୍ଯ୍ୟର ବିଲ୍ କରିବାରେ ଭୂୟାଁଙ୍କ ସମ୍ପୃକ୍ତି ଥିବା ଗୋଚ୍ଛାୟତ ଅଭିଯୋଗ କରିଛନ୍ତି। ତେଣୁ ୨୦୨୦ ପରଠାରୁ ବ୍ଲକର ସମସ୍ତ ମେଗା ପ୍ରକଳ୍ପର ଭିଜିଲାନ୍ସ ତଦନ୍ତ କରାଯିବା ପାଇଁ ସେ ଦାବି କରିଛନ୍ତି। ଏହାଛଡା ଏହି ଯନ୍ତ୍ରୀ ଜଣଙ୍କ ନିଜ ଚାକିରି କାଳର ବହୁ ବର୍ଷ ଟାଙ୍ଗୀ-ଚୌଦ୍ୱାର, ସାଲେପୁର, କଟକ ସଦର ବ୍ଲକରେ କାର୍ଯ୍ୟ କରିଛନ୍ତି। ତେଣୁ ଏ ବିଷୟ ମଧ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଗୋଚ୍ଛାୟତ ଦାବି କରିଛନ୍ତି। ଏନେଇ ପରିଡ଼ାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବା ପାଇଁ ମନା କରିଥିଲେ।

# ଯୋଜନା ସମ୍ବନ୍ଧରେ ସର୍ବସାଧାରଣ ଜାଣିବା ଆବଶ୍ୟକ

**କଟକ ଅଫିସ,୧୩।୬ (ପ୍ରସନ୍ନ ପାଢ଼ୀ)**


ଦିଶା ବୈଠକରେ ଏମ୍‌ପି, ବିଧାୟକ, ସିଏମ୍‌ସି ମେୟରଙ୍କ ସହ ଅନ୍ୟମାନେ।

**ନବମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି ବୈଠକ**

- ଏନ୍‌ଏଚ୍ ଉଭୟ ପାର୍ଶ୍ୱ ଜଳ ନିଷ୍କାସନ କାର୍ଯ୍ୟସୂଚୀ ନିର୍ଦ୍ଧାରିତ
- ୭ ପଞ୍ଚାୟତରେ ଅଗଷ୍ଟ ସୁଦ୍ଧା ଖୋଲିବ ବ୍ୟାଙ୍କ ଶାଖା
- ୩୬ ଅଙ୍ଗନୱାଡି କେନ୍ଦ୍ରକୁ ଡିଏସ୍‌ଡବ୍ଲ୍ୟୁଓଙ୍କୁ ହସ୍ତାନ୍ତର ନିର୍ଦ୍ଦେଶ

ନବମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷତା କରି କହିଥିଲେ, ଯୋଜନାଗୁଡିକର କାର୍ଯ୍ୟାନ୍ୱୟନ ଓ ତୃଣମୂଳସ୍ତରରେ ରୂପାୟନ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ଜନପ୍ରତିନିଧି ଓ ସର୍ବସାଧାରଣ ଅବଗତ ହେବା ଆବଶ୍ୟକ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଜନାର ରୂପରେଖ ପ୍ରସ୍ତୁତ କରି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଏଣୁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ତତ୍ପରତାର ସହିତ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଚାପମୁକ୍ତ ଭାବରେ କାର୍ଯ୍ୟକାରୀ କଲେ ସାମଗ୍ରିକ ଅଭିବୃଦ୍ଧି ପରିଲକ୍ଷିତ ହୋଇପାରିବ ବୋଲି ମହତାବ କହିଥିଲେ। ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଜିଲାର ବ୍ୟାଙ୍କ ନ ଥିବା ପଞ୍ଚାୟତରେ ବ୍ରିଜ ଓ ମୋଟର ବ୍ୟାଙ୍କ ଶାଖା ଖୋଲାଯିବାର ପୂର୍ବ ନିର୍ଦ୍ଧାରିତ ପ୍ରସ୍ତାବର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିସହ ପରମହଂସ, ମଧ୍ୟକଚ୍ଛ, ମିର୍ଜାପୁର, ବରପୁଟ ଭଳି ୭ଟି ପଞ୍ଚାୟତରେ ଅଗ୍ରାଧିକାର ଭିତ୍ତିରେ ଅଗଷ୍ଟ ଶେଷ ସୁଦ୍ଧା ବ୍ୟାଙ୍କ ଶାଖା ଖୋଲିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି କାଳିପୋଇ ଓ ରତନପୁର ପଞ୍ଚାୟତରେ ୟୁକୋ ବ୍ୟାଙ୍କ ବା ଅନ୍ୟ ଜାତୀୟକରଣ ବ୍ୟାଙ୍କ ଶାଖା ଖୋଲାଯିବା ପାଇଁ ଏଲ୍‌ଡିଏମ୍‌ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜାତୀୟ ରାଜପଥ ପାର୍ଶ୍ୱ ଓ କଟକ ମହାନଗର ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଥିଲା। ଏତଦ୍‌ବ୍ୟତୀତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ୩୬ଟି ଅଙ୍ଗନୱାଡି କେନ୍ଦ୍ର ଗୃହକୁ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ହସ୍ତାନ୍ତର ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଜମି ଚିହ୍ନଟ ସମସ୍ୟା ଯୋଗୁ ଆଉ କିଛି ଅଙ୍ଗନୱାଡି ଗୃହ ନିର୍ମାଣ କାମ ଅଟକ ରହିଛି। ସେଗୁଡିକ ଉପଖଣ୍ଡ ସ୍ତରରେ ସମ୍ପୃକ୍ତ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସପ୍ତାହ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର ବୈଠକ ସଞ୍ଚାଳନ କରିଥିଲେ। ଏଥିରେ ଅତିରିକ୍ତ ପୋଲିସ ଉପଆୟୁକ୍ତ ଏସ୍.କେ. ସରିଫୁଦ୍ଦିନ, ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରାଯାଉ

**କଟକ ଅଫିସ, ୧୩।୬ (ପ୍ରସନ୍ନ ପାଢ଼ୀ)**

**ଜିଲାପାଳଙ୍କୁ ଦାବିପତ୍ର**

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରିବା ସହ ଦରମା ବୃଦ୍ଧି କରିବାକୁ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର କର୍ମଚାରୀମାନଙ୍କ ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, କଟକ ଜିଲା ୧୦୮ ଆମ୍ବୁଲାନ୍ସ କର୍ମଚାରୀ (ଇଏମ୍‌ଟି, ପାଇଲଟ୍, ଆଟେଣ୍ଡାଣ୍ଟ)ମାନେ ୨୦୧୩ରୁ କାର୍ଯ୍ୟ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଦୁର୍ଘଟଣା ଆଦି ପରିସ୍ଥିତିରେ ରୋଗୀମାନଙ୍କୁ ସେବା ଯୋଗାଉଛନ୍ତି। ହେଲେ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ଏଣୁ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରାଯାଉ। ଅନ୍ୟଥା ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମ୍‌ଟିଙ୍କୁ ୩୦ ହଜାର, ପାଇଲଟ୍‌ଙ୍କୁ ୨୫ହଜାର ଓ ଆଟେଣ୍ଡାଣ୍ଟଙ୍କୁ ୨୦ହଜାର ଏବଂ ଆଡଭାନ୍ସ ଲାଇଫ ସପୋର୍ଟ ଇଏମ୍‌ଟିଙ୍କୁ ୩୫ହଜାର ଟଙ୍କା ଦିଆଯାଉ। ଏଥିସହ ବାର୍ଷିକ ଦରମା ବୃଦ୍ଧି, ଆମ୍ବୁଲାନ୍ସ ଧୋଇବା ପାଇଁ ସୁବିଧା, ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଭିନ୍ନକ୍ଷମ ହେଲେ ୧୦ଲକ୍ଷ ଟଙ୍କା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୧୦୮ରେ ଆମ୍ବୁଲାନ୍ସ କାର୍ଯ୍ୟରତ କର୍ମଚାରୀ ତନ୍ମୟ କୁମାର ଦାସ, ପ୍ରଦୀପ କୁମାର ସାହୁ, ହିମାଂଶୁ ନାୟକ, ଦିଲ୍ଲୀପ କୁମାର ରାଉତ, ସତ୍ୟରଞ୍ଜନ ପଣ୍ଡା, ସନ୍ତୋଷ କୁମାର ବାରିକ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ସାଲେପୁରରେ ହେବ ସ୍ଥାୟୀ ବସ୍‌ଷ୍ଟାଣ୍ଡ

**ସାଲେପୁର,୧୩।୬(ଅରବିନ୍ଦ ଭୂୟାଁ)**

**ରାଜ୍ୟ ସଡ଼କ ପରିବହନ ନିଗମ ପ୍ରତିନିଧି ଦଳଙ୍କ ସାଲେପୁର ଗସ୍ତ**

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ରାଜ୍ୟ ସଡ଼କ ପରିବହନ ନିଗମର ଏକ ପ୍ରତିନିଧି ଦଳ ମଙ୍ଗଳବାର ସାଲେପୁର ଗସ୍ତରେ ଆସି ବସ୍‌ଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ସଡ଼କ ପରିବହନ ନିଗମର ପ୍ରଶାସନିକ ଅଧିକାରୀ ସନ୍ତୋଷ ଶତପଥୀ, ନିର୍ବାହୀ ଯନ୍ତ୍ରୀ ଏସ୍.କେ. ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ତହସିଲ ପ୍ରଶାସନ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ କାଗଜପତ୍ର ଯେତେଶୀଘ୍ର ଯୋଗାଇ ଦିଆଯିବ ସେତେଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସେମାନେ ପ୍ରକାଶ କରିଥିଲେ। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ନବକିଶୋର କର, ମିହିର କୁମାର ଜେନା, ନନ୍ଦକିଶୋର ଭୂୟାଁ, ବିରଞ୍ଚିନାରାୟଣ କର, ପୂର୍ବତନ ସରପଞ୍ଚ ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସାଲେପୁର କଟକ ଜିଲାର ଏକ ପ୍ରମୁଖ ସହର । ନିୟମିତ ଉକ୍ତ ଅଞ୍ଚଳ ଦେଇ କେନ୍ଦ୍ରାପଡ଼ା, ଭଦ୍ରକ, ପାରାଦୀପ, ଜଗତ୍‌ସିଂହପୁର ବାଲିଚନ୍ଦ୍ରପୁର ଆଦି ଅଞ୍ଚଳର ଯାନବାହାନ ଯାତାୟାତ କରେ। କିନ୍ତୁ ଏଠାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ନିର୍ମାଣ କରିବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା।

# ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ହେବ


ରଥଯାତ୍ରା ପାଇଁ ପ୍ରସ୍ତୁତି ସଭାରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୧୩।୬ (କାର୍ତ୍ତିକ ସାହୁ)**

କଟକ ହରିପୁର-ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ସଭା ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ରଥଦାଣ୍ଡ ଓ ପାରିପାର୍ଶ୍ୱିକ ଅଞ୍ଚଳର ମରାମତି ଓ ଉନ୍ନତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରଥଯାତ୍ରା ପୂର୍ବରୁ ରାସ୍ତାଘାଟ ଓ ଡ୍ରେନେଜ ସିଷ୍ଟମ ମରାମତି, ରଥପଡ଼ିଆ ସମତୁଲ କରିବା, ବିଦ୍ୟୁତ ତାର ଓ କେବୁଲ ତାର ଦ୍ୱାରା ରଥଟଣାବେଳେ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ପଦକ୍ଷେପ ନିଆଯିବ। ଦୋଳମୁଣ୍ଡାଇ ଛକରେ ଥିବା ଗଛଟି ରାସ୍ତାକୁ ବାହାରିଥିବାରୁ ତାକୁ କାଟିବା, ମନ୍ଦିର ସମ୍ମୁଖ ରାସ୍ତା, ମନ୍ଦିର ସମ୍ମୁଖ ଦକ୍ଷିଣ ପାର୍ଶ୍ୱରୁ ସେମିନାରୀ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି କରିବା, ସେମିନାରୀ ଛକର ଦକ୍ଷିଣ ପାର୍ଶ୍ୱ ଖୁଣ୍ଟରେ କେବୁଲ ଓ ବିଦ୍ୟୁତ ତାର ଉପରକୁ ଟେକିବା, ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଟ୍ରାଫିକର ସମସ୍ୟାକୁ ସମାଧାନ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଭାରେ କାର୍ଯ୍ୟକାରୀ ମହନ୍ତ ଲିଙ୍ଗରାଜ ହାତୀ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ରାଜ୍ୟ ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଚରଣ ଦାସ, ଗ୍ରାମ ଅଧିକାରୀ ବାବୁ ପ୍ରଧାନ, ବ୍ରଜ କିଶୋର ପ୍ରଧାନ, ପ୍ରଦୀପ ମୂଳିଆ, ସିଏମ୍‌ସି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ପୂଜକ ପ୍ରଭାକର ଦାସ ମନ୍ତ୍ର ପାଠ କରିଥିଲେ। ବାଉରୀବନ୍ଧୁ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ୨୧୬ ମହିଳା ପାଇଲେ ସିଆରପି, ଏମ୍‌ବିକେ ନିଯୁକ୍ତିପତ୍ର

**ମିଶନ ଶକ୍ତି ବିଭାଗ ପକ୍ଷରୁ ଅଧାଦେଶ ଜାରି କରାଯାଇଥିଲା**

**ନିଶ୍ଚିନ୍ତକୋଇଲି,୧୩।୬ (ଅଶୋକ ମହାପାତ୍ର)**

ମିଶନ ଶକ୍ତି ବିଭାଗ ପକ୍ଷରୁ ଅଧାଦେଶ ଜାରି ହେବା ପରେ ପ୍ରତି ବ୍ଲକରେ ସିଆରପି (ଗୋଷ୍ଠୀ ସହାୟିକା) ଓ ଏମବିକେ(ନଥିପତ୍ର ପରିଚାଳିକା) ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ ଯୋଗ୍ୟ ବିବେଚିତ ଏମ୍‌ବିକେ ଓ ସିଆରପିମାନଙ୍କୁ ବିଧାୟକ ପ୍ରତାପ ଜେନା ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି।

ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତରୁ ୨୪ ପଞ୍ଚାୟତର ୧୯୨ ସିଆରପି ଓ ୨୪ ଜଣ ଏମ୍‌ବିକେ ମହିଳାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜେନା କହିଛନ୍ତି, ରାଜ୍ୟ ସରକାର ମହିଳାଙ୍କ ବିକାଶ ପାଇଁ ସଦାସର୍ବଦା ପ୍ରୟାସ ଜାରି ରଖିଛନ୍ତି। ପୁରୁଷମାନଙ୍କ ସହ ମହିଳାମାନେ ସମକକ୍ଷ ହୋଇ ପରିବାର ସାମାଜିକ ଓ ଆର୍ଥିକ ସୁଦୃଢ଼ କରିବାରେ ସହାୟକ ହୋଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ସଭାପତିତ୍ୱ କରିଥିଲେ। ଅତିଥିଭାବେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବିପିଏମ୍ ତନୁଜା ସାହୁ, ବିପିସି ସୁଜାତା ମହାନନ୍ଦିଆ,ବ୍ଲକ ଫେଡେରେଶନ ସଭାପତି କନକଲତା ଭୂୟାଁ, ସମ୍ପାଦକ ସତ୍ୟଭାମା ନାୟକ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ‘ଗ୍ରାମାଞ୍ଚଳରେ ମହିଳାଙ୍କ ବିକାଶ ହେଲେ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ହେବ’


କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟାମାନେ।

**ଆଠଗଡ,୧୩।୬(ସତ୍ୟପ୍ରକାଶ ରଥ)**

ଗ୍ରାମାଞ୍ଚଳରେ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ ଶକ୍ତି ବିଭାଗର ଜରିଆରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମହିଳାମାନଙ୍କ ବିକାଶ ହେଲେ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏସ୍‌ଏଚ୍‌ଜିକୁ ଋଣ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନଭାବେ ଆରମ୍ଭ ହୋଇଥିବା ‘ମୋ ଘର ଯୋଜନା’ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଯୋଜନାର ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାପରେ ମନ୍ତ୍ରୀ ସ୍ୱାଇଁ ଆଠଗଡ ବ୍ଲକ ଅନ୍ତର୍ଗତ ୧୨ ପଞ୍ଚାୟତର ୩୫୧ ଏସ୍‌ଏଚ୍‌ଜିକୁ ୧ କୋଟି ୭୫ ଲକ୍ଷ ୫୦ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ଆଠଗଡ ବ୍ଲକ ତରଡିଙ୍ଗ ପଞ୍ଚାୟତର ୩୦ ଜଣ ମହିଳାଙ୍କୁ ଗୋ-ପାଳନ ପାଇଁ ୩୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ଗ୍ରାମର ୨୧୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଭତ୍ତା ପ୍ରଦାନ କରାଯାଇଥିଲା। ଆଠଗଡ ବିଡିଓ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ କଟକ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାଶ, କୃଷି ମନ୍ତ୍ରୀଙ୍କ ଆଠଗଡ ବ୍ଲକ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ଆତ୍ମା କମିଟି ଅଧ୍ୟକ୍ଷ ରବୀନ୍ଦ୍ର ନାଥ ରାଉତ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ଜିଲାପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ପରିମଳ ପରିଚାଳନା ସମୀକ୍ଷା ବୈଠକ

**କଟକ ଅଫିସ,୧୩।୬ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହରରେ ପରିମଳ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ ମଙ୍ଗଳବାର ବିଜୁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଙ୍କୋଦ୍ଧାର, ଘରୁ ଅଳିଆ ସଂଗ୍ରହ, ଜୈବିକ ଖତ ପ୍ରସ୍ତୁତି ଆଦି ସଂକ୍ରାନ୍ତରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ସମୀକ୍ଷା କରିଥିଲେ। ଏବେ ବିଭିନ୍ନ ୱାର୍ଡରେ ଦ୍ୱିତୀୟ ପର୍ଯ୍ୟାୟ ପଙ୍କୋଦ୍ଧାର କାର୍ଯ୍ୟ ହେଉଛି। ତେଣୁ କେଉଁ ୱାର୍ଡରେ କେତେ ପରିମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଅବଶିଷ୍ଟ କାର୍ଯ୍ୟ କେବେ ସରିବ ତାହାର ତଥ୍ୟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ବହୁ ସାହିରେ ସଙ୍କୀର୍ଣ୍ଣ ରାସ୍ତା ଥିବାରୁ ବଡ ଗାଡି ଯାଇପାରୁନାହିଁ। ତେଣୁ ଆହୁରି ୪୦ଟି ବ୍ୟାଟେରି ଅପରେଟିଂ ଭେହିକିଲ (ବିଓଭି) ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପ୍ରତି ୱାର୍ଡରେ ଠିକ୍ ଭାବେ ଘରୁ ଅଳିଆ ସଂଗ୍ରହ କରାଯାଇପାରୁନାହିଁ। ଯାହାଦ୍ୱାରା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି)କୁ କମ୍ ପରିମାଣରେ ଅଳିଆ ଆସୁଛି। ଏହାକୁ ନେଇ କମିଶନର ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ପୃଥକ୍ ଭାବେ ଓଦା ଏବଂ ଶୁଖିଲା ଅଳିଆ ସଂଗ୍ରହ କରି ଅଧିକରୁ ଅଧିକ ଏମ୍‌ସିସିକୁ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାହାଦ୍ୱାରା ଅଳିଆରୁ ଜୈବିକ ପଦ୍ଧତିରେ ଅଧିକ ଖତ ପ୍ରସ୍ତୁତ କରାଯାଇପାରିବ। ଏହି ବୈଠକରେ ଡେପୁଟି କମିଶନର ସଞ୍ଜୀବିତା ରାୟ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ପରିମଳ ବିଶେଷଜ୍ଞଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସମୂହ ପ୍ରଚେଷ୍ଟାରେ ଜାତୀୟ ଶିକ୍ଷାନୀତି ଲକ୍ଷ୍ୟ ପୂରଣ ସମ୍ଭବ

**କଟକ ଅଫିସ, ୧୩।୬ (ପ୍ରସନ୍ନ ପାଢ଼ୀ)**

**ଜିଲାସ୍ତରୀୟ କର୍ମଶାଳା**

ସିଡିଏସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ରେ ଜି-୨୦ ଜନଭାଗୀଦାରି ସମ୍ପର୍କିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପର୍ଯ୍ୟବେସିତ ଜିଲାସ୍ତରୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ କହିଥିଲେ, ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ପିଲା ତୃତୀୟ ଶ୍ରେଣୀ ଶେଷରେ ପଢିବା, ଲେଖିବା ଏବଂ ସଂଖ୍ୟା ଜ୍ଞାନରେ ପ୍ରତ୍ୟାଶିତ ଶିକ୍ଷଣ ଦକ୍ଷତା ହାସଲ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସମୂହ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏଥିରେ ଅତିଥି ଭାବେ ସରିତା ଶତପଥୀ, ଚକ୍ରଧର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୌଳିକ ଭାଷାର ବିକାଶ, ସାଙ୍କେତିକ ବିନା ବାଧାରେ ଠିକ୍ ଭାବେ ଓ ଭାବଭଙ୍ଗୀ ସହ ପଢିବା, ଲେଖିବା, ମୌଳିକ ସଂଖ୍ୟାଜ୍ଞାନ ବିକାଶ ପାଇଁ ଶିକ୍ଷଣ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ମଣିମାଳା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷକ ଦେବାଶିଷ ସେନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦୀପକ କୁମାର ରାଉତ, ଦେବସ୍ମିତା ମହାନ୍ତି, ବଳରାମ ଦାସ, ଶୁଭଲକ୍ଷ୍ମୀ ଷଡଙ୍ଗୀ, ଗୌରାଙ୍ଗ ଗୌଡ଼ା, ସାରଦା ପ୍ରସାଦ ମହାନ୍ତି, ରଜନୀକାନ୍ତ ବିଶ୍ୱାଳ, ସୌରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ କର୍ମଶାଳାରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ନିର୍ମାଣାଧୀନ ଶ୍ରେଣୀଗୃହ ପାଚେରି ଭୁଶୁଡ଼ିଲା

**ମଙ୍ଗୁଳି-ଜଗତପୁର,୧୩।୬ (ମାନସ ସାମଲ)**

- ନିମ୍ନମାନର କାର୍ଯ୍ୟ ଅଭିଯୋଗ
- କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଜିଲାପାଳଙ୍କୁ ଦାବିପତ୍ର

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡା ପଞ୍ଚାୟତ ସିମିଳିହାଣ୍ଡ ଗ୍ରାମର ୧୮ନଂ. ୱାର୍ଡସ୍ଥିତ ମାତୃସେବା ନୋଡାଲ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ଶ୍ରେଣୀଗୃହ ପାଚେରି ଭୁଶୁଡ଼ି ପଡ଼ିଛି। ନିମ୍ନମାନର କାମ ପାଇଁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ନିର୍ମାଣ ଦାୟିତ୍ୱରେ ଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ମନୋଜ ପରିଡ଼ାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମର ଶତାଧିକ ମହିଳାପୁରୁଷ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ରେଜିଷ୍ଟ୍ରି ଚିଠି ମାଧ୍ୟମରେ କଟକ ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ସରକାରୀ ଯୋଜନାରେ ପଞ୍ଚାୟତରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ପରିଡା ଠିକ୍ ଭାବେ ତଦାରଖ କରୁନାହାନ୍ତି। ଫଳରେ କେଉଁଠି ବିଦ୍ୟାଳୟର ନୂଆ ପାଚେରି ଭାଙ୍ଗିଗଲାଣି ତ ଆଉ କେଉଁଠି ବିନା ରଡ଼ରେ ଗାଧୁଆ ତୁଠ ନିର୍ମାଣ ହେଇଛି। ସେହିପରି ଉକ୍ତ ଶ୍ରେଣୀଗୃହ ପାଇଁ ୨୦୨୧-୨୦୨୨ ଓ ୨୦୨୨-୨୦୨୩ରେ ପଞ୍ଚଦଶ ଅର୍ଥ କମିଶନରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିଲା। ଉକ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଉଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରି ଭୁଶୁଡ଼ି ପଡିଛି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ପରିଡ଼ାଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଗ୍ରାମର ଦୀପକ ବେହେରା, ଉଲ୍ଲାସ ବେହେରା, ଭାରତୀ ବେହେରା, ଆଲୋକ ବେହେରାଙ୍କ ସମେତ ଶତାଧିକ ଲୋକ ଉକ୍ତ ଦାବିପତ୍ରରେ ଦସ୍ତଖତ କରିଛନ୍ତି।


ନିର୍ମାଣାଧୀନ ଶ୍ରେଣୀଗୃହ ପାଚେରି ଭୁଶୁଡ଼ି ପଡ଼ିଛି।

